ସକାଳ
THE SAKALA



www.sakalaepaper.com

## ଧାନକିଣାରେ ଅଚଳାବସ୍ଥା ଓ ଅରାଜକତାର ପ୍ରତିବାଦ

# ବିଜୁ ଜନତା ଦଳର ବିକ୍ଷୋଭ ରାଲି; ରାଜ୍ୟପାଳଙ୍କୁ ଦାବିପତ୍ର





କେନ୍ଦୁଝର ୧୩।୨(ସମିସ): କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନକିଣାରେ ଅଚଳାବସ୍ଥା ଓ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଦେଖାଯାଉଛି। ଏହାର ପ୍ରତିବାଦରେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଶାଳ ବିକ୍ଷୋଭ ରାଲି ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ, ନେତା, ବିଧାୟକ ଓ ଦଳୀୟ ପଦାଧିକାରୀମାନେ କାଳିପଡିଆଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରୀକା ସାହୁ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ବିଭିନ୍ନ ବ୍ଲକ ଅଧକ୍ଷ, ପୌର ପରିଷଦ ଓ ଚମ୍ପୁଆ ଏନଏସିର ଅଧକ୍ଷ ଗିରିଜା ଶଙ୍କର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ଶ୍ରୀ ପାତ୍ର କହିଥିଲେ, କେନ୍ଦୁଝର ମୁଖ୍ୟତଃ ଏକ କୃଷିପ୍ରଧାନ ଜିଲ୍ଲା। ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଜିଲ୍ଲାରେ କ୍ରୟ ପ୍ରକ୍ରିୟା ବିଶୃଙ୍ଖଳା, ଅତ୍ୟଧିକ ବିଳମ୍ବ ଏବଂ ଘୋର ପ୍ରଶାସନିକ ତ୍ରୁଟି ପରିଲକ୍ଷିତ ହେଉଛି। ମଣ୍ଡିଗୁଡ଼ିକରେ ଅନିୟମିତତା ଦେଖାଯାଉଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବହୁ କମ୍ ମୂଲ୍ୟରେ ଧାନ ବିକ୍ରୟ କରିବାକୁ ବାଧ ହେଉଛନ୍ତି। ଖରିଫ ଋତୁରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ବିରୁଦ୍ଧରେ, ଏପର୍ଯ୍ୟନ୍ତ ମାତ୍ର ପ୍ରାୟ ୩୦.୪୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି, ଯାହା ସ୍ପଷ୍ଟ ଭାବରେ ଚାଷୀମାନଙ୍କ ପ୍ରତି ପ୍ରତିଶ୍ରୁତି ପାଳନ କରିବାରେ ସରକାରଙ୍କ ବିଫଳତାକୁ ପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଛତିଶଗଡ଼ ଓଡ଼ିଶା ତୁଳନାରେ ଏପର୍ଯ୍ୟନ୍ତ ପ୍ରାୟ ୧୨୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଥିବାରୁ ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଉପରେ କଟାକ୍ଷ କରିଥିଲେ। କେନ୍ଦୁଝର ଜିଲ୍ଲାରେ ଧାନ ମଣ୍ଡିର ଅଭାବ ଏବଂ ଧାନକିଣାରେ ସ୍ୱଚ୍ଛତାର ଅଭାବ ସିଧାସଳଖ ଚାଷୀମାନଙ୍କୁ ପ୍ରଭାବିତ କରିଛି। ଚାଷୀମାନେ ରାଜ୍ୟ ସହାୟତା ସମେତ ୩୧୬୯ ଟଙ୍କା ପାଇବାର ହକଦାର। ଏହି ଅବ୍ୟବସ୍ଥା ମଧ୍ୟରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଯୋଗାଣ ମନ୍ତ୍ରୀଙ୍କୁ ଦଳୀୟ ନେତୃବୃନ୍ଦ ସମାଲୋଚନା କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କେନ୍ଦୁଝର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତିର ତୀବ୍ର ଅବନତି ସମ୍ପର୍କରେ ସରକାରଙ୍କ ମୁଖା ଖୋଲି ଦେଇଥିଲେ। ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ଏବଂ କେନ୍ଦୁଝର ଜିଲ୍ଲାରେ ତୁରନ୍ତ, ସ୍ୱଚ୍ଛ ଏବଂ କଟନୀ-ଛଟନୀମୁକ୍ତ ଧାନ କ୍ରୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦଳ ପକ୍ଷରୁ ସେ ଦାବି କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତଥା କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଉପାଧ୍ୟକ୍ଷ ସୋମନାଥ ଦାଶ, ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ମାଧବନନ୍ଦ ପୃଷ୍ଟି, ଦିଲ୍ଲୀପ ସାହୁ, ଗୋବିନ୍ଦ ମହାନ୍ତ, ଅଯୋଧ୍ୟା ବେହେରା, ମହେନ୍ଦ୍ର ସାହୁ, ଅଜୟ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡୁ, ରୁନୁ ମହାନ୍ତ, କୌଶଲ୍ୟା ସେଠୀ, ସୁରେନ୍ଦ୍ର ଜେନା, ଯାଜ୍ଞସିନୀ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ରଥ ମୁଣ୍ଡା, କେଦାର ପ୍ରଧାନ, ବୁଦ୍ଧଦେବ ମହାକୁଡ଼ ବ୍ଲକ ଅଧକ୍ଷ୍ୟ ହରିଚନ୍ଦନପୁର ସୁନେଲି ନାଏକ, ଗୀତାଞ୍ଜଳି ନାଏକ, ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଉପାଧକ୍ଷ ରତିକାନ୍ତ ରାଉତ, ବାଂଶପାଳ ମାନସ ଦେହୁରୀ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ନାରାୟଣ ନାଏକ, ସନ୍ତୋଷ ବିଶ୍ୱାଳ, ଶୈଳ ସାହୁ, କେଶରୀ ରାଉତ, ମାୟାଧର ମହାକୁଡ଼, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଝୁମ୍ପୁରା ବ୍ଲକ ସଭାପତି, ଡମ୍ବରୁ ଦାସ, ନାରାୟଣ ନାଏକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ, ହୃଦା ପ୍ରଧାନ, ବାବୁଲାଲ ସାହୁ, ଗଦାଧର ପଟ୍ଟନାଏକ, ଗିରିଧାରୀ ନାଏକ, ବିପିନ ଆପଟ, ଯୁବନେତା ସତ୍ୟବ୍ରତ ନାଏକ, ଦେବୁ ପଟ୍ଟନାୟକ, ଟିଙ୍କୁ ପ୍ରଧାନ, ଟିଙ୍କିନା ବ୍ରହ୍ମ, ରଞ୍ଜନ ବେହେରା, ସଫିକ ଆନସାରୀ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଯୁବ ବାସ୍ତୁବିତ୍ ସମ୍ବର୍ଦ୍ଧିତ



ଆନନ୍ଦପୁର, ୧୩।୨ (ସମିସ): ବାସ୍ତୁଶାସ୍ତ୍ରରେ ପାରଦର୍ଶିତା ଲାଭ କରି ସମାଜ କଲ୍ୟାଣ କାର୍ଯ୍ୟରେ ସମର୍ପିତ ହୋଇଥିବା ଯୁବ ବାସ୍ତୁବିତ୍ ନିରଞ୍ଜନ ପାଣିଙ୍କୁ ଆଇଆଇସିଏଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୋଲକାତା ଶରତ ସଦନଠାରେ ଆୟୋଜିତ ଅନ୍ତର୍ଜାତୀୟ ସାରସ୍ୱତ ସମାବେଶରେ ଶ୍ରୀ ପାଣିଙ୍କୁ ମାନପତ୍ର ଉତ୍ତରୀୟ ସହିତ ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ସାଂସ୍କୃତିକ ସଂଯୋଜକ ଡ଼ ଉପେନ୍ଦ୍ର କୁମାର ଶର୍ମାଙ୍କ ସଂଯୋଜନାରେ ମିସେସ ଇଣ୍ଡିଆ ପ୍ରତୀଚୀ ପୁଣ୍ଡେ ପ୍ରତିଷ୍ଠାତା ଡ଼ ଅର୍ପିତା ଚାଟାର୍ଜୀ ଆଇନିଜିବି ଗୋପେଶ୍ୱର ମୁଖାର୍ଜୀ କଲ୍ୟାଣକାନ୍ତ ମଜମୁଦାର ଯୋଗ ଦେଇଥିଲେ ଶ୍ରୀ ପାଣିଙ୍କୁ ଆନନ୍ଦପୁର ଅଞ୍ଚଳରୁ ଅନେକ ଶୁଭେଚ୍ଛା ମିଳିଛି।

## ଯୁବ ସମାଜସେବୀଙ୍କ ସହାୟତା



ଆନନ୍ଦପୁର, ୧୩।୨ (ସମିସ): ଘସିପୁରା ବ୍ଲକ ସାଇକୁଳର ଅବସରପ୍ରାପ୍ତ ସେନା ସୁବେଦାର ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ହସ୍ପିଟାଲରେ ରକ୍ତଦାନ କରି ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି। ଶ୍ରୀ ସ୍ୱାଇଁ ଭୁବନେଶ୍ୱର ଯାଇଥିବା ବେଳେ କୌଣସି ଜଣେ ରୋଗୀଙ୍କ ରକ୍ତ ଦରକାର ପଡ଼ିଥିଲା। ଏ କଥା ଶୁଣିବା ମାତ୍ରେ ଶ୍ରୀ ସ୍ୱାଇଁ ବିଳମ୍ବ ନକରି ସିଧା ରୋଗୀଙ୍କ ସମ୍ପର୍କୀୟଙ୍କ ସହାୟତାରେ ଆସି ଆଜି ଜୀବନର ୩୭ତମ ରକ୍ତ ଦାନ କରି ଛନ୍ତି। ତାଙ୍କର ଏଭଳି କାମ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ଛୁଅ ଛୁଟି ଆସୁଛି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ● ବଂଶୀଧର ଉଚ୍ଚବିଦ୍ୟାଳୟ



ଆନନ୍ଦପୁର,୧୩।୨(ସମିସ): ଘସିପୁରା ବ୍ଲକ ମଦନପୁରସ୍ଥିତ ବଂଶୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରକ୍ଷାକର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ମଦନପୁର ପଞ୍ଚାୟତ ସରପଞ୍ଚ ହିମାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାହୁ, ଘନଶ୍ୟାମ ଖଟୁଆ, ଶରତଚନ୍ଦ୍ର ସାହୁ, ପଦ୍ମନାଭ ପାଢ଼ୀ ପ୍ରମୁଖ ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ସିଅଳ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷୟିତ୍ରୀ ଡଲି ପ୍ରଧାନ ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ମନୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ବିଜୟ ସାହୁ, ଉତ୍ତମ ସାହୁ, ଚିନ୍ତାମଣି ପଣ୍ଡା, ଜଗନ୍ନାଥ ପୃଷ୍ଟି, ରାମଚନ୍ଦ୍ର ମୁଣ୍ଡା, ଶିକ୍ଷୟିତ୍ରୀ ଦେବାଲିନ ରାଉତ, ସହକର୍ମୀ ପ୍ରତିଭା ସାହୁ, ଜୟନ୍ତ କୁଅଁର ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● କୋଲିମାଟି ଆଶ୍ରମ ବିଦ୍ୟାଳୟ



ଆନନ୍ଦପୁର ବ୍ଲକ୍ କୋଲିମାଟି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଭାରତଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ ପୂର୍ତ୍ତି, ମୁଖ୍ୟବକ୍ତା ଭାବେ କୋମଡ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉମାମଣି ବେହେରା ଓ ସମ୍ମାନିତ ଅତିଥି ଭାବେ କୋଲିମାଟି ସରପଞ୍ଚ ଦମୟନ୍ତୀ ନାୟକ କୋଲିମାଟି ଆଦିବାସୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାରତୀ ରଶ୍ମିବାଳା ଜେନା ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ପ୍ରିୟଲକ୍ଷ୍ମୀ ସା ବାର୍ଷିକ ବିବରଣୀ ପାଠ କରିଥିଲେ। ଦୀପ୍ତିମୟୀ ସାହୁ, ସ୍ନେହଲତା ପରିଡା, ମଳୟ କେତନ ପରିମାଣିକ ପରିଚାଳନା କରିଥିଲେ। ବିଦ୍ୟାଳୟର କର୍ମଚାରୀ ସୁବାସଚନ୍ଦ୍ର ବେଜ, ଅଭିରାମ ନାୟକ, ଦେବେନ୍ଦ୍ରଜାଇକି ପାର୍ବତୀ ନାଇକ, ଗୋଲାପ ନାଇକ, ଭାରତୀ ନାଇକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ତେଲକୋଇ, ୧୩।୨(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର କଲ୍ୟାଣ ମଣ୍ଡପଠାରେ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକରେ ନବନିର୍ବାଚିତ ତେଲକୋଇ ବ୍ଲକ କଂଗ୍ରେସ ସଭାପତି ସୁବାସଚନ୍ଦ୍ର ପ୍ରଧାନଙ୍କୁ ଜଗମୋହନପୁର ପଞ୍ଚାୟତ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ସଭାପତି ଓ ବରିଷ୍ଠ କଂଗ୍ରେସ କର୍ମୀମାନଙ୍କ ଉପସ୍ଥିତିରେ ଜଗମୋହନପୁର ଗ୍ରାମପଞ୍ଚାୟତର କଂଗ୍ରେସ କମିଟି ଗଠନ କରାଯାଇଛି। ବରିଷ୍ଠ କଂଗ୍ରେସ କର୍ମୀ ଭଦ୍ରସେନ ପ୍ରଧାନ, ଯଶବନ୍ତ ଖୁଣ୍ଟିଆ, ବାସବରାଜ ପ୍ରଧାନ, ବିଭୂତି ଭୂଷଣ ସାହୁ, ଗୁରୁଚରଣ ପ୍ରଧାନ, ରଥୀ ବେହେରା, ମହେଶ୍ୱର ମହାକୁଡ଼, ରାଜକିଶୋର ନାୟକ, ପ୍ରମୋଦ ସାହୁ, ବାବୂବାହନ ସେଠୀ ଓ ବରିଷ୍ଠ ନେତା ନିର୍ମଳଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

## ଉମାଦେବୀ ମୋଟର୍ସର ଫାର୍ମଟ୍ରାକ୍ ଟ୍ରାକ୍ଟର ସୋ-ରୁମ୍ ଉଦ୍‌ଘାଟିତ

ଆନନ୍ଦପୁର,୧୩।୨(ସମିସ): ଆନନ୍ଦପୁର ଶାଳପଡ଼ା ବଜାରରେ ପ୍ରଥମ କରି ଉମାଦେବୀ ମୋଟର୍ସର ନୂତନ ଟ୍ରାକ୍ଟର ସୋ-ରୁମ ଉଦଘାଟନ ହେବା ସହ ଏସ୍କର୍ଟ କୁବୋଟା ଲିମିଟେଡ଼ ଫାର୍ମଟ୍ରାକ୍ ଟ୍ରାକ୍ଟରର ନୂଆ ଗାଡି ୱାର୍ଲଡ଼୍ ମ୍ୟାକ୍ସ, ପ୍ରୋ ମ୍ୟାକ୍ସ ଏବଂ ଅଲଟ୍ରା ମ୍ୟାକ୍ସ ଟ୍ରାକ୍ଟରକୁ ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଛି। ଆବାହକ ନିରଞ୍ଜନ ବ୍ରହ୍ମଙ୍କ ଆବାହନ ତଥା ସୋରୁମର ପରିଚାଳନା ନିର୍ଦ୍ଦେଶକ ପ୍ରିୟରଞ୍ଜନ ବ୍ରହ୍ମଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଏସ୍କର୍ଟର ଦକ୍ଷିଣ ପୂର୍ବାଞ୍ଚଳର ସେଲସ ମୁଖ୍ୟ ରାଜେନ୍ଦ୍ର ଲୋନ୍ଧେ, ସମ୍ମାନିତ ଅତିଥି କମ୍ପାନୀର ଓଡ଼ିଶା ସର୍ଭିସ ହେଡ ରମେଶ ଖରାଡେ, ଏରିଆ ସର୍ଭିସ ମ୍ୟାନେଜର ଆଶିଷ ଆନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ କମ୍ପାନୀର ସେଲସ ମ୍ୟାନେଜର ଚନ୍ଦନ କୁମାର ଗିରି ପରିଚାଳନା କରିଥିଲେ। ଅତିଥିମାନେ ସୋ-ରୁମର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହ ଭଗା ନଇରୁ ପାଣ୍ଡବ ଚରଣ ସାହୁ, ହସନପୁରରୁ ଗୋବିନ୍ଦଚନ୍ଦ୍ର ଜେନା, ବେଲବାହାଲି ଗାଁରୁ ବାଡ଼ିଆ ମହାରଣା, ମଥୁରା ସାହୁଙ୍କୁ ନୂଆ ଟ୍ରାକ୍ଟରର ଚାବି ଅତିଥିଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। କୁବୋଟା ଟ୍ରାକ୍ଟର ଅନ୍ୟ ଟ୍ରାକ୍ଟର ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଇନ୍ଧନ ସଞ୍ଚିତ ସୁବିଧା ଅଛି ବୋଲି ଶ୍ରୀ ଲୋନ୍ଧେ ମତ ବ୍ୟକ୍ତ କରିଥିଲେ। ଆନନ୍ଦପୁର ଅଞ୍ଚଳରେ ମାଟି ଉପଯୋଗୀ ହୋଇଥିବା ତଥା ଏହା କୃଷକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରହ୍ମ ମତ ବ୍ୟକ୍ତ କରିଥିଲେ। ସଭାରେ ଶତାଧିକ କୃଷକ ବନ୍ଧୁ ଉପସ୍ଥିତ ଥିଲେ।



## ଆୟୁଷ୍ମାନ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ସହାୟତା

ଆନନ୍ଦପୁର ୧୩।୨(ସମିସ): ନୂଆଦିଲ୍ଲୀର ଅଗ୍ରଣୀ ଓଡ଼ିଆ ସାମାଜିକ ସଂଗଠନ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଦିଲ୍ଲୀର ହାଡ଼ଭଙ୍ଗା ଶୀତରେ ରାସ୍ତାକଡ଼ରେ କଷ୍ଟ ପାଉଥିବା ଗରିବ ଓ ଅସହାୟ ଲୋକଙ୍କୁ ନୂଆଦିଲ୍ଲୀର ଲକ୍ଷ୍ମୀନଗର, କ୍ରିଷ୍ଣାନଗର, ଗାନ୍ଧୀନଗର, ଦିଲ୍ଲୀ ଏମ୍ସ ମେଡ଼ିକାଲ ପରେ ପରେ ଗୁରୁଗ୍ରାମ ବିଭିନ୍ନ ବସଷ୍ଟାଣ୍ଡ, ରେଳ ଷ୍ଟେସନ ବାହାରେ ଓ ରାସ୍ତାକଡ଼ରେ ରହୁଥିବା ଅସହାୟ ପିଲା, ମହିଳା, ବୃଦ୍ଧବୃଦ୍ଧାଙ୍କୁ ଆୟୁଷ୍ମାନ ୧୫୦ରୁ ଉର୍ଦ୍ଧ୍ୱ କମ୍ବଳ ଆଦି ବଣ୍ଟନ କରାଯାଇଛି। ଫାଉଣ୍ଡେସନ ସଦସ୍ୟ ଅମରେନ୍ଦ୍ର ମହାପାତ୍ର, ଆଲୋକ ରଞ୍ଜନ, ନିବେଦିତା ଜେନା, ସାନ୍ତ୍ୱନା ପଣ୍ଡା, ଭୂପତି ରାଉତ, ଅଧକ୍ଷା ନିବେଦିତା ଜେନା, ସମୀର ମହାପାତ୍ର, ଦେବାଶିଷ ବେହେରା ଏବଂ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଷ୍ଠାନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଓ ସଦସ୍ୟ ନିର୍ମଳ ଦାସ, ଗଜେନ୍ଦ୍ର ବାରିକ, ଦିଲ୍ଲୀପ ମଲ୍ଲିକ, ସୁମନ୍ତ କୁମାର, ନରୋତ୍ତମ ନାୟକ, ପ୍ରମୋଦ ସାମଲ, ସମୀର ମହାପାତ୍ର ପରିଚାଳନା କରିଥିଲେ।

## ଛାତ୍ରଛାତ୍ରୀଙ୍କ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ

କେନ୍ଦୁଝର,୧୩।୨(ସମିସ): ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଶୁକ୍ରବାର ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ବେଲା ରାଉତଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଥିବା ବିଭିନ୍ନ ବିଭାଗର ଉପକରଣ ଏବଂ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଅନୁଧାନ କରିବା ସହ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ପ୍ରିନସିପାଲ୍‌ଙ୍କ ମନ୍ମଥ ମାଝୀ ଏବଂ ଆଡ଼ମିସନ ଇନଚାର୍ଜଙ୍କ ପାର୍ଥସାରଥୀ ଦାଶ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ କ୍ୟାରିଅର କାଉନସେଲିଂ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୁରୁଦେବ ମହାନ୍ତ, ବିଜୟ କୁମାର ବେହେରା, ବିବେକାନନ୍ଦ ରାଉତ, ପ୍ରଦୀପ୍ତ କୁମାର ଦେହୁରୀ, ତନ୍ମୟ ରାଉତ, ଶିକ୍ଷା କର୍ମଚାରୀ ସୁଜାତା ନାଏକ ଏବଂ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




## କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

କେନ୍ଦୁଝର/ଆନନ୍ଦପୁର, ୧୩।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଝାଡ଼ବେଲଦାସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୯ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଧକ୍ଷ ସୁରେନ୍ଦ୍ର ବିଶ୍ୱାଳ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ, ପରେଶଚନ୍ଦ୍ର ଧର, ସତ୍ୟବ୍ରତ ମହାନ୍ତ, ଅଧ୍ୟାପିକା ବିଜୟିନୀ ଆଚାର୍ଯ୍ୟ, ଝୁମାରାଣୀ ବାରିକ, ଗୀତାଞ୍ଜଳି ସାହୁ, ପଦ୍ମିନୀ ରାଉତ ପ୍ରମୁଖ ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ପ୍ରଶିକ୍ଷିକା ଅହଲ୍ୟା ସାହୁ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ସମସ୍ତ କୌଶଳ ଉପରେ ଅବଗତ କରାଇଥିଲେ। ସଂଯୋଜିକା ପ୍ରଭାସିନୀ ଓଝା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଆନନ୍ଦପୁର ଉପଖଣ୍ଡ ସଦର ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମବର୍ଷର ମହିଳା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ନୂତନ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼ ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଆକାଉଣ୍ଟ ବର୍ସର, ଏକାଡେମିକ ବର୍ସର, ଆଡମିନିଷ୍ଟ୍ରେଟିଭି ବର୍ସର ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅନୀତା ଦାସ, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଭାରତୀ ସାହୁ, ଓଡ଼ିଆ ସାହିତ୍ୟ ବିଭାଗୀୟ ମୁଖ୍ୟ ଶ୍ରିଲେଖା ସାହୁ, ଇତିହାସ ବିଭାଗୀୟ ମୁଖ୍ୟ ସଂଘମିତ୍ରା ରାଉତ, ଅଧ୍ୟାପିକା ଆରତୀ ଲୁଗୁନ, ସବିନା ଆରା ବେଗମ, ନିହାରିକା ପାତ୍ର, ସୁରୁଚି ସମ୍ପନ୍ନା ସ୍ୱାଇଁ, ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପଲତା ରାମ ଦୀପ ପ୍ରଜ୍ୱଳନ ମନ୍ତ୍ରଗାନ କରିଥିଲେ। ସମନ୍ୱୟକାରୀ ମଧୁସ୍ମିତା ସାହୁ ସଂଯୋଜନା କରିଥିଲେ। ଏହି ୮ଦିନ ତାଲିମ ଶିବିରଟି ଟ୍ରେନର ସୀମନ୍ତିନି ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଛି। ଅଧ୍ୟାପିକା ମିତାଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ହେମା ଗୁପ୍ତା, ଗଣିତ ବିଭାଗୀୟ ମୁଖ୍ୟ ମିତାଶ୍ରୀ ବେହେରା ଓ ପ୍ରାଣୀ ବିଜ୍ଞାନ ବିଭଗର ଲାବ୍‌ରୋଟାରି ଆସିଷ୍ଟାଣ୍ଟ ତନୁଶ୍ରୀ ପଣ୍ଡା ସହଯୋଗ କରିଥିଲେ।




## ସରିଲା ୩ ଦିନିଆ କୃଷି ଯନ୍ତ୍ରପାତିକ ମେଳା

# ୩ ବ୍ଲକ୍‌ର ୬୦୦ ଚାଷୀ ସାମିଲ



ଚମ୍ପୁଆ,୧୩।୨(ସମିସ): ଚମ୍ପୁଆ କୃଷି ଜିଲ୍ଲା ବିଭାଗ ପକ୍ଷରୁ ଆୟୋଜିତ ୩ ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ, କୃଷି ଅଧିକାରୀ ସତ୍ୟବାନ ସୋରେନ, କୃଷି ନିର୍ବାହୀ ଯନ୍ତ୍ରୀ ସମର ବିଶ୍ୱାଳ, ବିଶ୍ୱଜୟ ମିଶ୍ର, କୃଷି ସୂଚନା କେନ୍ଦ୍ର ଅଧକ୍ଷ ଦଶରଥ ବାରିକ, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ନିର୍ଦ୍ଦେଶକ ବନମାଳି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କୃଷି ବଞ୍ଚିଲେ ଜୀବନ ବଞ୍ଚିବ ଏବଂ କମ ଖର୍ଚ୍ଚ ଅଳ୍ପ ସମୟ ମଧ୍ୟରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର ଦ୍ୱାରା କୃଷି କାର୍ଯ୍ୟ କରାଗଲେ କୃଷକର ମାନଦଣ୍ଡ ବୃଦ୍ଧି ପାଇବା ସହିତ ଦେଶର ପ୍ରଗତି ହୋଇପାରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏପରିକି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷକଙ୍କ ନିମନ୍ତେ ପ୍ରଣୟନ ବିଭିନ୍ନ ଯୋଜନା, ସବସିଡି, ରବି ଓ ଖରିଫ ଋତୁରେ ଚାଷ, ମତ୍ସ୍ୟ ଚାଷ ସହିତ ଲାଭ ଦାୟକ ଫସଲ ମାଣ୍ଡିଆ ଚାଷ ଉପରେ ଚାଷିଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଯନ୍ତ୍ରପାତି ମେଳାରେ ୪୦ରୁ ଉର୍ଦ୍ଧ୍ୱ ଯନ୍ତ୍ରପାତି ଷ୍ଟଲ ବସିଥିବା ବେଳେ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳର ୬୦୦ ଚାଷୀ ପର୍ଯ୍ୟାୟକ୍ରମରେ ଯୋଗ ଦେଇଥିଲେ। ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ୩ଟି ବ୍ଲକର କୃଷି କର୍ମଚାରୀ ଯୋଗଦାନ କରିଥିଲେ। ଏହି ପରୀପ୍ରେକ୍ଷୀରେ ଉନ୍ନତ ଷ୍ଟଲକୁ ଚୟନ କରାଯାଇ ପୁଷ୍ପ ଆଗ୍ରୋ କେନ୍ଦୁଝରକୁ ପ୍ରଥମ, ଅର୍ଚ୍ଚିତା ଏଣ୍ଟରପ୍ରାଇଜେସକୁ ଦ୍ୱୀତିୟ, ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗକୁ ପ୍ରଥମ ଓ ଉଦ୍ୟାନ କୃଷି ବିଭାଗକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯିବା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ଶ୍ରୀଅନ୍ନ ଅଭିଯାନର ୩ଟି ବ୍ଲକର ଥିବା ଷ୍ଟଲକୁ ପୁରସ୍କୃତ କରାଯାଇଛି। ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସୁମନସ୍ମିତା ତରାଇ, ରୁଦ୍ରମାଧବ ନାଏକ, ସଂଯୁକ୍ତା ମୁଣ୍ଡା, ଲକ୍ଷ୍ମୀପ୍ରିୟା ମୁଣ୍ଡା ଓ ଶାନ୍ତନୁ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

# ଛଳନା କରି ବାହା ହୋଇଥିଲା, ଏସିଡ୍ ପକାଇ ମାରିଦେଲା

ବାଲେଶ୍ୱର, ୧୩।୨ (ସମିସ)

ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଆଜି ରାୟ ଆସିଛି। ଏହି ମାମଲାରେ କୋର୍ଟ ପତ୍ନୀହନ୍ତା ଚନ୍ଦନକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏସିଡ୍ ମାଡ଼ ଅଭିଯୁକ୍ତକୁ ଫାଶୀଦଣ୍ଡ ମିଳିବା, ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ତେବେ ସେଦିନର ଏହି ଜଘନ୍ୟ ଅପରାଧକୁ ଆଜି ପର୍ଯ୍ୟନ୍ତ ବାଲେଶ୍ୱରବାସୀ ଭୁଲି ପାରିନାହାନ୍ତି। ଚନ୍ଦନ ଛଳନା କରି ବନିତାଙ୍କ ଦ୍ୱିତୀୟ ବିବାହ କରିବାଠାରୁ ଆରମ୍ଭ କରି ଏସିଡ୍ ପକାଇ ମାରିବା ପର୍ଯ୍ୟନ୍ତ ସବୁ ଘଟଣା ଏବେ ବି ଜିଲ୍ଲାବାସୀଙ୍କ ମନରେ ସତେଜ ରହିଛି।

ସୂଚନାନୁଯାୟୀ, ବନିତାଙ୍କ ଭିଣୋଇ ଅନୁଗୁଳରେ ଚାକିରି କରୁଥିବା ବେଳେ ବାଲେଶ୍ୱର ସହରର ଭୀମପୁରରେ ଏକ ଭଡ଼ାଘରେ ବନିତା ଏବଂ ବଡ଼ ଭଉଣୀ ବର୍ଷା ଓ ବର୍ଷାର ଦୁଇ ପିଲା ରହୁଥିଲେ। ବଡ଼ ଭଉଣୀର ୬ ବର୍ଷର ଝିଅକୁ ନିକଟସ୍ଥ ବିଦ୍ୟାଳୟକୁ ନେବା ଆଣିବା କରୁଥିଲେ ବନିତା। ସେହି ସମୟରେ ଚନ୍ଦନ ନିକଟସ୍ଥ ଏକ ସୁନା ଦୋକାନରେ କାମ କରୁଥିଲା। ବନିତା ଓ ବର୍ଷା ଅନେକ ସମୟରେ ସେହି ସୁନା ଦୋକାନକୁ ଅଳଙ୍କାର କିଣାକିଣି ପାଇଁ ଯାଉଥିଲେ। ସେଇଠୁ ଆରମ୍ଭ ହୋଇଥିଲା ବନିତା ଓ ଚନ୍ଦନ ମଧ୍ୟରେ ପ୍ରେମସମ୍ପର୍କ। ପରେ ଚନ୍ଦନ ଆସି ବନିତା ଘରେ ବିବାହ ପ୍ରସ୍ତାବ ରଖିଥିଲା। ବନିତାର ପରିବାର ଚନ୍ଦନଙ୍କ ପରିବାର ସହ କଥାବାର୍ତ୍ତା କରିବା ପାଇଁ ରାଜି ହୋଇଥିଲେ। କିନ୍ତୁ, ଘରେ ଏକୁଟିଆ ରହୁଥିବା ସହ ମାଆ ପାଗଳି ଏବଂ ବାପା ମଦୁଆ ବୋଲି କହିଥିଲା ଚନ୍ଦନ। ସେହି ସମୟରେ ଛଳନା କରି ପ୍ରଥମ ସ୍ତ୍ରୀକୁ






ବାପ ଘରେ ଛାଡ଼ିଦେଇଥିଲା ଚନ୍ଦନ ଏବଂ ଭଦ୍ରତାର ପରିଚୟ ଦେଇ ୨୦୨୨ ଡିସେମ୍ବର ୧୯ ତାରିଖରେ ବନିତାକୁ ନୂଆପୁର ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲା।

ମାତ୍ର ବାହାଘରର ମାତ୍ର ପାଞ୍ଚ ଦିନ ପରେ ସତ ଜଣାପଡ଼ିଥିଲା। ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇଟି ପିଲା ରହିଥିବା କଥା ବନିତା ଓ ତାଙ୍କ ପରିବାରଲୋକ ଜାଣିବାକୁ ପାଇଥିଲା। ଏହା ଜାଣିବା ପରେ ଠକେଇ କରି ବାହାଘର ହୋଇଛି ବୋଲି ବନିତାଙ୍କ ପରିବାର ଲୋକେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ। ଥାନାରେ ଏନେଇ ଆପୋଷ ସମାଧାନ ହୋଇଥିଲା ଯେ ସେମାନେ ଆଉ ସ୍ୱାମୀ-ସ୍ତ୍ରୀ ହୋଇ ରହିବେ ନାହିଁ। ଏହା ୨୦୨୨ ଡିସେମ୍ବର ମାସର ଘଟଣା।

## ସେମାନେ ଯାହା କୁହନ୍ତି:

- ଏସିଡ୍ ଫିଙ୍ଗା ଘଟଣାରେ କାର୍ତ୍ତିକ ସିଂଙ୍କ ପରିବାର ଓ ଛୋଟ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଘଟଣାରେ ପରବର୍ତ୍ତୀ ସମୟରେ ବନିତାଙ୍କ ମୃତ୍ୟୁବରଣ ହୋଇଥିଲା। ଏହି ଘଟଣାର ମାନ୍ୟବର କୋର୍ଟ ଦୋଷୀ ଚନ୍ଦନ ରଣାକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଯାହା ଆଜି ତାର ରାୟ ପ୍ରକାଶ ପାଇଛି।

  **ସଞ୍ଜୟ ମହାନ୍ତି, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର**

- ଏହା ଏକ ବିରଳ ଘଟଣା। ୨୦୨୩ ମସିହା ଫେବୃଆରୀ ମାସ ୨୦ ତାରିଖରେ ଚନ୍ଦନ ଯାହା ଏକ ପବିତ୍ର ନାମ ମାତ୍ର ଅପବିତ୍ର ଘଟଣା ଘଟାଇଥିଲା। ୩ବର୍ଷର ବିଚାର ପରେ ଆଜି ରାୟ ପ୍ରକାଶ ପାଇଛି। ଆମେ ଯେଉଁ ଟେମ୍ପଲ୍ ଅଫ୍ ଜଷ୍ଟିସ ଉପରେ ଆମେ ପ୍ରାକ୍ଟିସ କରୁଛେ ତାହା ଉପରେ ଆମର ଭରସା ଅଛି।

  **ସୁଲଳିତ କର, ବରିଷ୍ଠ ଆଇନଜୀବୀ ତଥା ଏତଲାକାରୀଙ୍କ ଓକିଲ**

- ମୁଁ ଘରେ ନଥିବାବେଳେ ଚନ୍ଦନ ମୋ ଘରେ ଏସିଡ୍ ଆକ୍ରମଣ କରିଥିଲା। ଫଳରେ ମୋ ସ୍ତ୍ରୀ, ଦୁଇ ଜଣ ପିଲା ଓ ମୋ ଶାଳୀ ଆହତ ହୋଇଥିଲେ। ଏପରି ଘଟଣାରେ ସ୍ପଟ୍‌ରେ ଦୋଷୀକୁ ଫାଶୀ ଦେବା ଦରକାର। ଯାହା ଫଳରେ ଏମିତି ଆଉ କେବେ କରିବେ ନାହିଁ।

  **ରମେଶ ଚନ୍ଦ୍ର ସାହୁ, ମୃତ ପୀଡ଼ିତାଙ୍କ ଭିଣୋଇ**

- ସେଦିନ ଆମେ ଖବର ପାଇଲୁ ଚନ୍ଦନ ରଣା ମୋ ସାନ ଝିଅ ବନିତା ସିଂକୁ ଏଡିସ୍ ପକାଇଛି। ମୋ ବଡ଼ ଝିଅ ସହିତ ନାତି ନାତୁଣୀକୁ ମଧ୍ୟ ଏସିଡ୍ ପକାଇଛି। ମୋ ବଡ଼ ଝିଅର କାନ ନାହିଁ। ଆଉ ଶୁଣିପାରୁ ନାହିଁ। ଏହି ଘଟଣା ଘଟାଇ ଚନ୍ଦନ ଫେରାର ରହିଥିଲା। ଆମର ଅଭିଯୋଗ ପରେ ସେ ଧରାପଡିଲା। ତେବେ ସେ ତା ଦୋଷର ଦଣ୍ଡ ପାଇଛି। ଆମକୁ ନ୍ୟାୟ ମିଳିଛି। ଏମିତି ରାୟ ଦିଆଯାଉ ଯେମିତି ଖଣ୍ଡମଣ୍ଡଳର ଲୋକଙ୍କ ଭିତରେ ଭୟ ରହିବ।

  **କାର୍ତ୍ତିକ ସିଂ, ମୃତ ଯୁବତୀଙ୍କ ବାପା**

### 'ତୁ ମୋର ନୁହେଁ ତ ଆଉ କାହାର ନୁହେଁ'

'ତୁ ମୋର ନୁହେଁ ତ ଆଉ କହାର ନୁହେଁ'ର କରୁଣ ପରିଣତି ପରିବାରକୁ ଛାରଖାର କରିଦେଇଛି। ଦୁହେଁ ଚନ୍ଦନ ଓ ବନିତା ଅଲଗା ହେବା ପରେ ବନିତାଙ୍କ ପରିବାର ଲୋକେ ବନିତା ପାଇଁ ପୁଅ ଖୋଜିବା ଆରମ୍ଭ କରିଥିଲେ। ପରେ ଜତିନ ନାମକ ପୁଅ ସହ ବନିତାର ବାହାଘର ମଧ ଠିକ୍ ହୋଇଥିଲା। ଏହି ଖବର ପାଇବା ପରେ ୨୦୨୩ ଫେବ୍ରୁଆରି ୨୦ ତାରିଖ ସକାଳ ୧୧ଟାରେ ଚନ୍ଦନ ହଠାତ୍ ବନିତା ଘରେ ପହଞ୍ଚି ସମସ୍ତଙ୍କୁ ଏସିଡ୍ ଫିଙ୍ଗିଥିଲା। ଏଥିରେ ବନିତା ଗୁରୁତର ହୋଇଥିଲେ ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ।

### ଜାଗର ପରଦିନର ଘଟଣା; ଜାଗର ପୂର୍ବ ଦିନ ଦଣ୍ଡାଦେଶ

୨୦୨୩ ମସିହା ଫେବୃଆରୀ ମାସ ୨୦ ଅର୍ଥାତ୍ ଜାଗରର ପର ଦିନ ଘଟଣା ଘଟିଥିଲା। ଆଉ ଦୀର୍ଘ ତିନି ବର୍ଷ ପରେ ଆଜି ଜାଗର ପୂର୍ବଦିନ ଏହି ଘଟଣାର ରାୟ ଶୁଣାଣି ହୋଇ ଦୋଷୀକୁ ଦଣ୍ଡ ମିଳିଛି ବୋଲି ଏତଲାକାରୀଙ୍କ ଓକିଲ ସୁଲଳିତ କର ସୂଚନା ଦେଇଛନ୍ତି।

### ଏସିଡ୍ ମାଡ଼ ଘଟଣାରେ ଫାଶୀଦଣ୍ଡ ରାଜ୍ୟରେ ପ୍ରଥମ!

ଓଡିଶାର ଏହା ପ୍ରଥମ ଘଟଣା ଯାହା ଏତେ ଶୀଘ୍ର ରାୟ ଶୁଣାଣି ହୋଇଛି। ବିଶେଷକରି ଏଡିସ୍ ମାଡ ଘଟଣାରେ ଏହା ହେଉଛି ପ୍ରଥମ ଘଟଣା ଭାବେ ଦୋଷୀକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ଏକ ବିରଳ ଓ ପ୍ରଥମ ଘଟଣା। ଯାହକୁ ନେଇ ଏବେ ସବୁଠି ଚର୍ଚ୍ଚା। ଏଭଳି ଅପରାଧ ଘଟାଉଥିବା ଅପରାଧୀଙ୍କ ମନରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ପୂର୍ବରୁ ସମାନ ଘଟଣାରେ ମହାରାଷ୍ଟ୍ରରେ ମାନ୍ୟବର କୋର୍ଟ ଅଭିଯୁକ୍ତକୁ ମୃତ୍ୟୁ ଦଣ୍ଡାଦେଶ ରାୟ ଶୁଣାଇଥିଲେ।

---

**● ମାରଣାସ୍ତ୍ର ଦେଖାଇ ପ୍ରେମ ନିବେଦନ; ଥାନାରେ ମାମଲା**

## ପୁଲିସ ଇସାରାରେ ଅଭିଯୁକ୍ତଙ୍କ ପକ୍ଷରୁ ପାଲଟା ଅଭିଯୋଗ

ବାଲେଶ୍ୱର,୧୩।୨(ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧିନସ୍ଥ ହଳଦୀପାଳ ବଜାରରେ ଏକ ବିୟୁଟି ପାର୍ଲରରେ କାର୍ଯ୍ୟରତ ମହିଳାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ମାରଣାସ୍ତ୍ର ଦେଖାଇ ପ୍ରେମ ନିବେଦନ କରିବା ସହ ମାଡ଼ ମାରିଥିବାର ବସ୍ତା ଥାନାରେ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ପରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣିଥିବା ବେଳେ ପୋଲିସ କୌଣସି ଚାପର ବଶବର୍ତ୍ତୀ ହୋଇ ବିଳମ୍ବିତ ରାତିରେ ଗିରଫ ନକରି ଛାଡ଼ି ଦେଇଥିବାର ଅଭିଯୋଗକାରୀ ଅଭିଯୋଗ ଆଣିଛନ୍ତି। ଖବର ଅନୁସାରେ ହଳଦୀପାଳ ଗ୍ରାମର ତପନ କୁମାର ନାୟକଙ୍କ ସ୍ତ୍ରୀ ସ୍ଥାନୀୟ ବଜାରରେ ଏକ ବିୟୁଟି ପାର୍ଲର କରିଛନ୍ତି। ଗତ ୫ ତାରିଖ ସନ୍ଧ୍ୟା ସମୟରେ ସେ ପାର୍ଲରରେ ଏକୁଟିଆ ଥିବା ସମୟରେ ବସ୍ତା ଥାନା ଅଧିନ ପାରବିଲା ଗ୍ରାମର ଦେବେନ୍ଦ୍ର ଗାଆଣଙ୍କ ପୁଅ ଜିତେନ୍ଦ୍ର ଗାଆଣ (୩୫) ମାରଣାସ୍ତ୍ର ଧରି ପାର୍ଲରରେ ପହଂଚି ପ୍ରେମ ନିବେଦନ କରିଥିଲା। ଏଥିରେ ମହିଳା ଜଣକ ରାଜି ନହେବାରୁ ଧମକ ଚମକ ଦେବା ସହ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିଲା। ପରେ ସ୍ଥାନୀୟ ଲୋକେ ଜିତେନ୍ଦ୍ରଙ୍କୁ କାବୁ କରି ଅଟକ ରଖି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ପରେ ଥାନା ପୋଲିସ ପହଁଚି ଜିତେନ୍ଦ୍ରକୁ ଥାନାକୁ ନେଇ ଅଟକ ରଖିଥିଲା, ପରେ ଛାଡ଼ି ଦେଇଥିଲା ପୋଲିସ। ଏନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ସାହାଯ୍ୟ ପରିବର୍ତ୍ତେ ଥାନାର ତୁମେ କେସ କଲେ ସେ ପୁଣି ତୁମ ନାମରେ କେସ କରିବ କହି ଜଣେ ଥାନା କର୍ମଚାରୀ ଧମକ ଦେଇଥିବାର ଅଭିଯୋଗକାରୀ ଅଭିଯୋଗ ଆଣିଛନ୍ତି। ସେପଟେ ପୁଲିସର ଧମକ ପରେ ଅପରପକ୍ଷ ଜିତେନ୍ଦ୍ର ଗାଆଣ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ପୁଲିସ ୨ ଗୋଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଆର୍ଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ବାଲିଆପାଳ,୧୩।୨(ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀରୁ ବାଲି ମାଫିଆମାନେ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ୍ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରି ଆସୁଥିଲା ବେଳେ ରାଜ୍ୟ ରାଜସ୍ୱ ହରାଉଛି। ବାରମ୍ବାର ଏହି ବାଲି ଚୋରି ନେଇ ବାଲିଆପାଳ ତହସିଲରେ ଅଭିଯୋଗ ହୋଇ ଆସୁଥିଲା ବେଳେ ଆଜି ଖବର ପାଇ ଶ୍ରୀରାମପୁର ଆର୍ଆଇ ସରୋଜିନୀ ଟୁଡୁ ପାଳପଡ଼ା ଅଞ୍ଚଳରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବାଲି ମାଫିଆମାନେ ଆର, ଆଇଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆର୍ଆଇ ସରୋଜିନୀ ଟୁଡୁ ଆହତ ହୋଇଥିଲା ବେଳେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ବାଲି ମାଫିଆଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି, ପୁଲିସ ଅଭିଯୋଗ ପାଇ ତଦନ୍ତ ଜାରି ରଖିଛି।

## ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା

ବାଲେଶ୍ୱର,୧୩।୨(ସମିସ): ବିଦ୍ୟୁତ ସୁରକ୍ଷା ନେଇ ଟିପିଏନଓଡିଏଲ ସର୍ବଦା ଅଗ୍ରାଧିକାର ଦେଇଛି। ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ଟିପିଏନଓଡିଏଲ ପ୍ରାଥମିକତା ଦେଇଥିବାବେଳେ ଅବହେଳା ପୂର୍ବକ ହେଉ ଅଥବା ସଚେତନତା ଅଭାବରୁ ହେଉଥିବା ବୈଦ୍ୟୁତିକ ଦୁର୍ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ସଂସ୍ଥା ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମର ନିକଟରେ ନିର୍ମାଣ କାର୍ଯ୍ୟ, ବୈଦ୍ୟୁତିକ ଯନ୍ତ୍ରପାତିରେ ଅଣକୁଶଳୀ ମରାମତି କାର୍ଯ୍ୟ, ହୁକିଂ, ଛିଣ୍ଡା ତାରର ବ୍ୟବହାର ଆଦି ପାଇଁ ଦୁର୍ଘଟଣା ଘଟୁଥିବା ସୂଚନାକୁ ଭିତ୍ତି କରି ଜନସଚେତନତା ବୃଦ୍ଧି କରିବାକୁ ଟିପିଏନଓଡିଏଲ୍ ଗୁରୁତ୍ୱ ଦେଇଛି। ଏଥି ଲାଗି ଏକ ସ୍ୱତନ୍ତ୍ର କମିଟି ମଧ ଗଠନ କରାଯାଇ ସୁରକ୍ଷା ସଚେତନତା ସମ୍ପର୍କିତ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଦ୍ୟାଳୟ ତଥା କଲେଜରେ ଶିକ୍ଷାର୍ଥୀଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, କାନ୍ଥରେ ସଚେତନତା ବାର୍ତ୍ତା, ଉପଭୋକ୍ତା ସମ୍ମିଳନୀ, ଡାକବାଜି ଯନ୍ତ୍ର ତଥା ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନତା ଅଭିଯାନ ବ୍ୟାପକ କରିବା ସହ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଟିପିଏନଓଡିଏଲର ଏହି କାର୍ଯ୍ୟଧାରା ବଳବତ୍ତର ରହିଛି। ସେହିପରି ଆଗନ୍ତୁକ ଗ୍ରୀଷ୍ମ ଋତୁରେ ଏସି, ଫ୍ରିଜ, କୁଲର,



ପାଣିପମ୍ପ ଆଦି ଉଚ୍ଚ କ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଞ୍ଚ କରାଇନେବାକୁ ଟିପିଏନଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି ଓ ଏହା ସହିତ ଘରେ ଏମସିବି ଅବା ଇଏଲସିବି ଲଗାଇବା ବିଦ୍ୟୁତ ସୁରକ୍ଷା ଦିଗରେ ଏକ ବଡ ପଦକ୍ଷେପ ବୋଲି ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି। ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି କରିବାପାଇଁ ଚେଷ୍ଟା ନ କରି ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ ରେ ଯୋଗାଯୋଗ କରିବା ପାଇଁ ମଧ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ କର୍ମଚାରୀଙ୍କ ସୁରକ୍ଷାକୁ ଦିଗରେ ହେଲମେଟ, ହାର୍ନେସ, ସୁରକ୍ଷା ଜୋତା, ଗ୍ଲୋବ୍ସ, ନିଅନ ଟେଷ୍ଟର ଆଦି ସୁରକ୍ଷା ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ସୁରକ୍ଷା ପ୍ରଣାଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଅଧିକାରିକ ବାର୍ତ୍ତା ଜାରି ହୋଇଛି। ଏ ଦିଗରେ ସଂସ୍ଥା ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ଏହାର ତଦାରଖ ଦାୟିତ୍ୱ ନ ଦେଇ ସହାୟତା କାମନା କରିଛି। ଟିପିଏନଓଡିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣର ବ୍ୟବହାର ନ କରନ୍ତି ଅବା ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିବାର ନଜରରେ ଆସନ୍ତି ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସ ଆପ୍ ଯୋଗେ ପଠାଇ ଟିପିଏନଓଡିଏଲକୁ ଏ ଦିଗରେ ସୂଚନା ଦେଇପାରିବେ। ଏଥିଲାଗି ଟିପିଏନଓଡିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ କରାଯିବାର ଯୋଜନା ରହିଛି। ବୈଦ୍ୟୁତିକ ସୁରକ୍ଷା ବ୍ୟକ୍ତିବିଶେଷ ତଥା ସର୍ବୋପରି ଏକ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହୋଇଥିବାବେଳେ ଟିପିଏନଓଡିଏଲର ଏତାଦୃଶ ପଦକ୍ଷେପ ତଥା ଉପଭୋକ୍ତାଙ୍କ ସହାୟତା ଏନେଇ ବିଶେଷ ଫଳପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ବାଲ୍ୟବିବାହ ମୁକ୍ତ ରଥ ଉଦ୍‌ଘାଟିତ




ବାଲେଶ୍ୱର,୧୩।୨(ସମିସ): ବିଏଡିସି ଓ ଜେଆର୍‌ସି ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ରଥ ଅଭିଯାନକୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଶିଶୁ ମଙ୍ଗଳ କମିଟିର ସଭ୍ୟ ପ୍ରିୟରଞ୍ଜନ ମହାନ୍ତି ଓ ଅନ୍ୟତମ ସଭ୍ୟା ଅନିତା କର, ମହିଳା ଶିଶୁ ବିଭାଗରେ ଜିଲ୍ଲା କୋର୍ଡିନେଟର ଶକ୍ତିପ୍ରିୟ ବିଶ୍ୱାଳ, ମିଶନ ଶକ୍ତିର ଜିଲ୍ଲା ସଂଯୋଜିକା ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ସମାଜ ମଙ୍ଗଳ ବିଭାଗର ଜିଲ୍ଲା କୋର୍ଡିନେଟର ପ୍ରଦୀପ କୁମାର ପାଲ ଅଧିକାରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ପତାକା ହଲାଇ ବାଲ୍ୟ ବିବାହ ମୁକ୍ତ ରଥକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ ଅଫିସରେ ଏକ ରାଲି ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ଅଫିସର ସମସ୍ତ ବିଭାଗର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମିଶନଶକ୍ତି ଓ ଅଙ୍ଗନବାଡ଼ି କର୍ମୀ ସହ ପାଞ୍ଚଶହରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏଡିସି କର୍ମକର୍ତ୍ତା ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ବିଏଡିସି ସଂସ୍ଥା ଆନୁକୂଲ୍ୟରେ ଅଦ୍ୟାବଧି ବାଲେଶ୍ୱର ଜିଲ୍ଲାରେ ୬୨୭ ଓ ମୟୂରଭଞ୍ଜ ଜିଲ୍ଲାରେ ୬୪୯ ବାଲ୍ୟବିବାହ ବନ୍ଦ କରାଯାଇଛି। ଯେଉଁଥିରେ ଅଭିଭାବକ ଓ ପିତାମାତା ଓ ପରିବାର ବର୍ଗର ସମସ୍ତେ ଲିଖିତ ଘୋଷଣାନାମା ହସ୍ତାନ୍ତର କରିଛନ୍ତି।

**ଏପର୍ଯ୍ୟନ୍ତ ବାଲେଶ୍ୱରରେ ୬୨୭ ଓ ମୟୂରଭଞ୍ଜରେ ୬୪୯ ବାଲ୍ୟବିବାହ ବନ୍ଦ ହୋଇଛି**

## କୁନ୍ତଳା କୁମାରୀ ସାବତ କଲେଜ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ବାଲେଶ୍ୱର,୧୩।୨(ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ "ଶତଦଳ' କ୍ଲବ୍ ଆନୁକୂଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତ ଅତିଥି ପରିଚୟ ଦେବା ସହ ଆଲୋଚନାଚକ୍ରର ଶୀର୍ଷକ "ମଧ୍ୟଯୁଗୀୟ ସାହିତ୍ୟରେ ବୈଷ୍ଣବ ଚେତନା' ଉପସ୍ଥାପନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭାଗବତ ବେହେରା ଯୋଗଦେଇ ମଧ୍ୟଯୁଗୀୟ ସାହିତ୍ୟର କାଳଖଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଧର୍ମର ସଂଜ୍ଞା ସହ ବେଦ ଭିତରେ ଥିବା କୃଷ୍ଣ ଚେତନାକୁ ବର୍ଣ୍ଣନା କରି ସମୟାନୁକ୍ରମେ ବିଷ୍ଣୁ ଓ ବୈଷ୍ଣବ ଧର୍ମ ସମ୍ପର୍କରେ କହିଥିଲେ। ମଧ୍ୟଯୁଗ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଚେତନାର ଜାଗରଣ ଏବଂ ଏହାର ପ୍ରଚାର ପ୍ରସାର



ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ନେଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପୂର୍ବତନ ଛାତ୍ରୀ ଅନୁପମା ଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ସୃଷ୍ଟିଧର ପଣ୍ଡା, ଅଧ୍ୟାପିକା ଡ. ପ୍ରତୀଚୀ ନନ୍ଦ, ମୋନାଲିସା ବେହେରା, ଅଧ୍ୟାପକ ଅଜୟ ରାଉତ ଓ ଡ. ଜଗନ୍ନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ରଚନା ଦାସ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ମୋନାଲିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀମାନେ ସହଯୋଗ କରିଥିଲେ।

---

**କ୍ରେଚ ସେଣ୍ଟର ଖୋଲିବା ନିର୍ଦ୍ଦେଶକୁ ବିତିଲା ଦେଢ଼ବର୍ଷ**

# କାର୍ଯ୍ୟକାରୀ ହୋଇନି ନିର୍ଦ୍ଦେଶ; ବିଳମ୍ବିତ କାର୍ଯ୍ୟ ନେଇ ପ୍ରଶ୍ନବାଚୀ

ବାଲେଶ୍ୱର,୧୩।୨(ସମିସ)

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କର୍ମଜୀବୀ ମହିଳାଙ୍କ ୬ ମାସରୁ ୬ ବର୍ଷ ଶିଶୁଙ୍କ ଲାଳନପାଳନ ପାଇଁ କ୍ରେଚ୍ ସେଣ୍ଟର ଖୋଲା ଯିବା ନେଇ ସରକାରୀ ନିର୍ଦ୍ଦେଶନାମକୁ ଦେଢ଼ବର୍ଷ ବିତିଥିଲେ ହେଁ ଏ ଯାଏ ଖୋଲି ପାରିନି କ୍ରେଚ୍ ସେଣ୍ଟର। ଟଙ୍କା ଆସିଛି ହେଲେ କାର୍ଯ୍ୟକ୍ଷମ ପାଇଁ ମନ୍ଥର ପ୍ରକ୍ରିୟାକୁ ନେଇ କର୍ମଜୀବୀ ମହିଳା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨୦୨୪ ମସିହା ଅଗଷ୍ଟ ୧୬ ତାରିଖରେ ଓଡ଼ିଶାର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କର୍ମଜୀବୀ ମହିଳାଙ୍କ ୬ ମାସରୁ ୬ ବର୍ଷର ସନ୍ତାନ ସନ୍ତତିଙ୍କ ଲାଳନ ପାଳନ ଓ ଶିଶୁର ଯତ୍ନକୁ ଦୃଷ୍ଟିରେ ଶିଶୁ ଲାଳନ ପାଳନ କେନ୍ଦ୍ର (କ୍ରେଚ୍) ଖୋଲାଯିବା ନେଇ ନିର୍ଦ୍ଦେଶନାମା ସହ ଏସ୍‌ଓପି ଜାରି କରିଥିଲେ। ଏହିକ୍ରମରେ ବାଲେଶ୍ୱର ଜିଲ୍ଲାରେ ଏହି କ୍ରେଚ୍ ସେଣ୍ଟର ଖୋଲାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।



ଜଣେ କର୍ମଜୀବୀ ମହିଳା ମା ହେବା ପରେ ନିଜ ଶିଶୁକୁ ଯତ୍ନ ନେବାରେ ଅସୁବିଧାରେ ସମ୍ମୁଖୀନ ହୋଇଥାଏ। ନିଜ ଶିଶୁକୁ ଘରେ କିମ୍ବା ଘରେ ଛାଡ଼ି ଯାଇଥିବା ବେଳେ ଶିଶୁର ଯତ୍ନ ପାଇଁ ଅଫିସ ଛାଡ଼ି ସମୟେ ସମୟେ ଯିବାକୁ ମଧ ପଡିଥାଏ। ଫଳରେ କେବଳ ଅଫିସରେ କାର୍ଯ୍ୟ ହୁଏନି, ବରଂ ଶିଶୁରଂ ଯତ୍ନ ଏବଂ ସୁରକ୍ଷାରେ ମଧ ଅଭାବ ରହିଥାଏ। ଏହାକୁ ଉପଲବ୍ଧ କରିବି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀସ୍ତରରେ କ୍ରେଚ୍ ସେଣ୍ଟର ପ୍ରତିଷ୍ଠା ନେଇ ଏସ୍‌ଓପି ମଧ ଜାରି କରାଯାଇଥିଲା। ଏହି କ୍ରେଚ୍ ସେଣ୍ଟର ଜିଲ୍ଲାପାଳଙ୍କ ସମୂହ କାର୍ଯ୍ୟାଳୟ ପାଖରେ କିମ୍ବା କ୍ରେଚ୍ ସେଣ୍ଟରଠାରୁ ୫୦୦ ମିଟର ହୋଇଥିବ। ଏଠାରେ ଜଣେ ମହିଳା କର୍ମଜୀବି ନିଜର ପିଲାଙ୍କୁ ଦେଖାଶୁଣା ଏବଂ ଯତ୍ନ ନେବା ପାଇଁ ଛାଡ଼ି ପାରିବେ। ପିଲାଙ୍କ ଯତ୍ନ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଥିବା କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ପ୍ରତି ୧୦ ଜଣ ଶିଶୁଙ୍କ ପାଇଁ ଜଣେ କ୍ରେଚ୍ ଏଜୁକେଟର, ୨ ଜଣ ହେଲପର ଙ୍କ ସହ ଜଣେ କ୍ରେଚ୍ ଇନଚାର୍ଜ ଏବଂ ଜଣେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତ କରାଯିବା ନେଇ ଏସଓପି ଜାରି ହୋଇଥିଲା। ଏହି କ୍ରେଚ୍ ସେଣ୍ଟରରେ କର୍ମଜୀବୀ ମହିଳାମାନେ ନିଜ ଶିଶୁକୁ ଛାଡ଼ି କାର୍ଯ୍ୟାଳୟକୁ ଯାଇପାରିବେ, ଆବଶ୍ୟକସ୍ଥଳେ ଏଠାକୁ ଆସି ନିଜ ଶିଶୁକୁ ସ୍ତନପାନ କରାଇବା ସହ ନିଜ ଶିଶୁର ଦେଖାଶୁଣା କରି ପାରିବେ। ଏମିତି କି ଶିଶୁଙ୍କ ପାଇଁ ହେବାକୁ ଥିବା କ୍ରେଚ୍ ସେଣ୍ଟର ହେଉଥିବାରୁ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇ ଏହି ସେଣ୍ଟର ନିର୍ମାଣ କରାଯିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ରେଚ୍ ସେଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶନାମାକୁ ଦୀର୍ଘ ଦେଢ଼ ବର୍ଷ ବିତିଥିଲେ ସୁଦ୍ଧା ମନ୍ଥର ଗତିର କାର୍ଯ୍ୟ ଯୋଗୁଁ ଏଯାଏ ଖୋଲାଯାଇପାରିନି। ସେପଟେ କ୍ରେଚ୍ ସେଣ୍ଟର ଖୋଲିବା ପାଇଁ ସାମ୍ବାଦିକ ପ୍ରକୋଷ୍ଠ ନିକଟରେ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ବିଭିନ୍ନ ଉପକରଣ ବାବଦକୁ ୩ ଲକ୍ଷ ଟଙ୍କା ମଧ ସରକାରୀସ୍ତରରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଆସି ସାରିଛି। ହେଲେ ଦୀର୍ଘ ଦେଢ଼ ବର୍ଷ ପରେ ବି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କ୍ରେଚ୍ ସେଣ୍ଟର ଖୋଲାଯିବାରେ ବିଳମ୍ବ କୁ ନେଇ କର୍ମଜୀବୀ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

### ମତାମତ

- ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ତ୍ୱରିତ ଭାବେ କାର୍ଯ୍ୟ ଜାରି ରହିଛି। କ୍ରେଚ୍ ସେଣ୍ଟର ପାଇଁ ଅର୍ଥ ମଧ ଆସି ସାରିଛି। ଖୁବଶୀଘ୍ର ଏହି ମାସ ଶେଷ ସୁଦ୍ଧା କାର୍ଯ୍ୟ ଶେଷ କରି କ୍ରେଚ୍ ସେଣ୍ଟର ଖୋଲିବା ଦିଗରେ ପଦକ୍ଷେପ ଗ୍ରହଣ କରିବୁ।

  **ଖୁସିରାମ ଗହୀର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ**

- ସରକାରୀ ସ୍ତରରୁ ଟଙ୍କା ଆସି ସାରିଛି, ଅନ୍ୟ ବିଭାଗ ସହ ଆଲୋଚନା କରି ଜିନିଷ କିଣା ଯିବା ନେଇ କମିଟି ଗଠନ କରିବୁ, ପରେ ଜିନିଷ କିଣାଯିବା ସହ କ୍ରେଚ୍ ସେଣ୍ଟର ଖୋଲାଯିବ।

  **ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ**

ସକାଳ THE SAKALA



# ଅଧାରହିଲା ଜଗାଦର୍ଶନ
# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ

ବାହାନଗା/ଖନ୍ତାପଡ଼ା,୧୩।୨(ସମିସ)







୧୦ ରୁ ଉର୍ଦ୍ଧ୍ୱ ଗୁରୁତର

ଅଧା ରହିଗଲା ଜଗା ଦର୍ଶନ। ଜଗା ଦର୍ଶନ ପାଇଁ ଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ବ୍ରିଜ୍ ନିକଟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭରଙ୍କ ନାମ ଏନ. ଶ୍ରୀନିବାସ ରାଓ।

ଶୁକ୍ରବାର ସକାଳ ସାଢ଼େ ୫ଟାରେ କଲିକତାରୁ ପୁରୀ ଅଭିମୁଖେ ଯାଉଥିବା ଶ୍ରୀ ଭେଙ୍କେଟଲକ୍ଷ୍ମୀ ନାମକ ବସ୍ (ଏପି-୨୫ଡବ୍ଲ୍ୟୁ -୯୯୨୯) ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା। ଫଳରେ ବସ୍‌ଟି ପୋଲରେ ପିଟିହୋଇ ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ବସ୍‌ରେ ୪୦ଜଣ ଯାତ୍ରୀ ଥିଲେ। ସେମାନଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେଠାରେ ତିନିଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର ଫକୀର ମୋହନ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଖନ୍ତାପଡ଼ା ପୁଲିସ ଓ ବାହାନଗା ଅଗ୍ନିଶମ ବିଭାଗ, ଜାତୀୟ ରାଜପଥ ପୁଲିସ ମିଳିତ ଭାବେ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛନ୍ତି। ଦୁର୍ଘଟଣାର କାରଣ ଜଣା ପଡ଼ିନାହିଁ। ସମସ୍ତ ଯାତ୍ରୀ ବିଜୟ ନଗରମ ଜିଲ୍ଲାରୁ ଆସଥିବା ଜଣାପଡ଼ିଛି। ପ୍ରକାଶ ଥାଉ କି ଏହି ବସରେ ଥିବା ଅନ୍ୟ ଯାତ୍ରୀଙ୍କୁ ବାହାନଗା ସ୍କୁଲରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସେଠାରେ ଜିଲ୍ଲା ପ୍ରଶାସନ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ତଦାରଖ କରୁଥିବା ଜଣାପଡ଼ିଛି।

## ● ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
# ୫ ବର୍ଷ ହେଲା ଖତଖାଉଛି ଇସିଜି ମେସିନ

ବାଲେଶ୍ୱର,୧୩।୨(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ପ୍ରତିଦିନ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ଏହି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ବିଭିନ୍ନ ବିଭାଗର ସ୍ପେଶାଲିଷ୍ଟ ଡାକ୍ତର ନାହାନ୍ତି। ସେପଟେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାରୀ ସ୍ତରରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଇସିଜି ମେସିନ ଯୋଗାଇ ଦିଆଯାଇଥିଲେ ବି ତାହା ୫ବର୍ଷ ହେଲା ଖତଖାଉଛି।୫ ବର୍ଷ ମଧ୍ୟରେ ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ନଥିବା ବେଳେ ଇସିଜି ମେସିନ ଚଲାଇବା ପାଇଁ କୌଣସି ବି ଟେକ୍ନିସିଆନଙ୍କୁ ନିଯୁକ୍ତ କରାଯାଇ ନଥିବାରୁ ଦୀର୍ଘ ୫ ବର୍ଷ ଧରି ଏହି ମେସିନ ରୋଗୀଙ୍କ ହିତରେ ଲାଗିପାରୁନାହିଁ। ଯାହାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।




# ଲକ୍ଷ୍ମୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କମର୍ଦ୍ଦା,୧୩।୨(ସମିସ): ଭୋଗରାଇ ବ୍ଲକ୍ ଦୁଡ଼ପଳ ପଞ୍ଚାୟତ ବାସନ୍ତୀ ପଡ଼ିଆଠାରେ ଲକ୍ଷ୍ମୀକାନ୍ତ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କ୍ରିକେଟ ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚରେ ଚିକୁ ଏକାଦଶ ବିଜେତା ହୋଇଥିଲା। ଗ୍ରାମାଞ୍ଚଳରେ କ୍ରିକେଟ ଖେଳ ଏବଂ ଯୁବ ଖେଳାଳିମାନଙ୍କୁ ଖେଳ ପ୍ରତି ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। ମୁଖ୍ୟ ଅତିଥି ଭାବେ କମର୍ଦ୍ଦା ପଂଚାୟତ ର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ବିଜୟ ଦାସ, ଯତୀନ୍ଦ୍ର ରାଉତ ଉପସ୍ଥିତ ହୋଇ ଖେଳକୁ ଶୁଭାରମ୍ଭ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ଚିକୁ ଏକାଦଶ ଦଳ ବିଜୟୀ ହୋଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା ବେଳେ ଚିକୁ ଏକାଦଶର କେପଟନ ସୁଜିତ ପାତ୍ର (ରବି) ଦଳକୁ ସୁଦୃଢ଼ ନେତୃତ୍ୱ ଦେଇ ବିଜୟ ପଥକୁ ନେଇଥିଲେ। ଅନ୍ୟପକ୍ଷରେ ବାସନ୍ତୀ ମାତା ୱାରିଅର ଦଳ ରନର୍ସ-ଅପ ଭାବେ ସନ୍ତୁଷ୍ଟ ରହିଥିଲା। ଏହି ଦଳର କେପଟନ ଥିଲେ ଅନିରୋଧ କାମିଲା, ଯାଙ୍କର ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିଥିଲା। ଏହି କ୍ରୀଡ଼ା ଆୟୋଜନକୁ ସଫଳ କରିବାରେ ଅଭିଜିତ ରାଉତ, ମାନସ ରାଉତ, ପ୍ରକାଶ ରାଉତ, ଚନ୍ଦନ ପାତ୍ର, ବିକାଶ ପାତ୍ର, ରାଧା ଗୋବିନ୍ଦ ଦାସ, ରଂଜିତ ଦତ୍ତ ଓ ଜୟନ୍ତ ଦତ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା। ଏହି ପ୍ରିମିୟର ଲିଗ ଦ୍ୱାରା ଅଞ୍ଚଳର ଯୁବ ପ୍ରତିଭାମାନଙ୍କୁ ଉତ୍ସାହ ମିଳିବା ସହିତ କ୍ରୀଡା ପ୍ରତି ଆଗ୍ରହ ଅଧିକ ବଢ଼ିଛି ବୋଲି ଅଞ୍ଚଳବାସୀମାନେ ମତ ପ୍ରକାଶ କରିଛନ୍ତି।

## ● 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଅନିୟମିତତା
# ବାଲି ବଦଳରେ ହେଉଛି ମାଟି ଫିଲିଂ






ନୀଳଗିରି,୧୩।୨(ସମିସ): "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ନାମକୁ ନେଇ ଲୋକଙ୍କ ମନରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିକାଶ ନାମରେ କିଛି ଠିକାଦାର ଏବଂ ଅଧିକାରୀ ନାମର ଯଥାର୍ଥତାକୁ କଳଙ୍କିତ କରିଥିବା ଅଭିଯୋଗ ହୋଇଆସୁଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତର ଭଗାବନ୍ଧ ଗ୍ରାମର ଦେଶବନ୍ଧୁ ପ୍ରାଥମିକ ବିଦ୍ୟାଳୟରେ ୨୦୨୪/୨୫ଆର୍ଥିକ ବର୍ଷରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣପାଇଁ ୪ଲକ୍ଷ ୧୦ହଜାର ୪୧୨ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ବିଭାଗୀୟ କାର୍ଯ୍ୟାଦେଶ ଥାଇ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ମଧୁସ୍ମିତା ମହାନ୍ତିଙ୍କ ହେପାଜତରେ ଉକ୍ତକାର୍ଯ୍ୟ ଚାଲିଥିଲା। ତେବେ ଏହି ଶ୍ରେଣୀକୋଠରୀ କାର୍ଯ୍ୟ ଚାଲୁରହିଥିବା ବେଳେ କୋଠରୀ ଭିତରେ ବାଲି ବଦଳରେ ମାଟି ଫିଲିଂ ହୋଇଥିବା ଦେଖିବାକୁ ମିଳିଛି। ଏହାସହିତ ନିମ୍ନମାନର ବାଲି ଓ ଇଟାରେ କାମ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ଏହାର ସ୍ଥାୟିତ୍ୱ ନେଇ ରାଜ୍ୟସରକାରଙ୍କ ସ୍ୱଛତା ଉପରେ ପ୍ରଶ୍ନବାଚ ସୃଷ୍ଟି ହୋଇଛି। ତେଣୁ ଏଭଳି ଦୁର୍ନୀତିର ତଦନ୍ତକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଗ୍ରାମବାସୀ ନୀଳଗିରି ବିଡିଓ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

## ● ଅବକାରୀ ଚଢ଼ଉ
# ଜିଞ୍ଜିର ସହ ଦେଶୀମଦ ଜବତ, ୪ ଗିରଫ

ସୋର,୧୩।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ଦୁଇ ବାଇକ,ଏକ ଟାଟା ଏସିଇ ଗାଡ଼ି ସହ ଦେଶୀମଦ ଏବଂ ଜିଞ୍ଜିର ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂ ସୋର ଥାନା ବେଲଦା, ତେନ୍ତୁଳିଆପଡା, ଷୋଳଗାଁ ଏବଂ ଦୟାନିଧିପୁର ଗ୍ରାମରେ ଚଢ଼ଉ କରି ଓଡି ୦୧ ଜି ୧୭୭୫ ନମ୍ବର ବିଶିଷ୍ଟ ଏକ ଟାଟା ଏସିଇ, ଦୁଇ ବାଇକ୍ ସମେତ ୬୫ ଲିଟର ଦେଶୀମଦ ଏବଂ ୩୦୫ ଲିଟର ଜିଞ୍ଜିର ଜବତ କରି ବେଲଦା ଗ୍ରାମର ଅଭିମନ୍ୟୁ ବେହେରା, ତେନ୍ତୁଳିଆପଦାର ସପନ କୁମାର ମଲ୍ଲିକ, ଷୋଳଗାଁର ଜ୍ୟୋତି ରଞ୍ଜନ ବିଶ୍ୱାଳ, ଦୟାନିଧିପୁରର ରଜତ କୁମାର ନାୟକକୁ ଗିରଫ କରିଥିବା ବେଳେ ଦୟାନିଧିପୁରର କାହ୍ନୁ ଚରଣ ନାୟକ ଫେରାର ହୋଇଯାଇଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସବ୍ ଇନ୍ସପେକ୍ଟର ଭବେଶ ଦାସ, ଏଏସ୍‌ଆଇ ବସନ୍ତ କୁମାର ବାରିକ, ଲମ୍ବୋଦର ମହନ୍ତଙ୍କ ସମେତ ସୋର ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗର କର୍ମଚାରୀ ମାନେ ସାମିଲ ହୋଇଥିଲେ।

# ବାବା ବଳିଆ ଟ୍ରଷ୍ଟ ତରଫରୁ ଚନ୍ଦନେଶ୍ୱରଙ୍କ ମନ୍ଦିର ସଫେଇ




ଚନ୍ଦନେଶ୍ୱର,୧୩।୨(ସମିସ): ଅନନ୍ତ ବଳିଆ ଟ୍ରଷ୍ଟ ଚନ୍ଦନେଶ୍ୱର ଶାଖା ତରଫରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ଉପଲକ୍ଷେ ପଦ୍ମଶ୍ରୀ ବାବା ବଳିଆଙ୍କ ନିର୍ଦ୍ଦେଶରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ପରିସରରେ ସଫେଇ ଓ ନେତ୍ରକୁଣ୍ଡରୁ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ଆଜି ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ରେମୁଣା, ଗୋବିନ୍ଦପୁର, କମର୍ଦ୍ଦା,ବସ୍ତା ଓ ଚନ୍ଦନେଶ୍ୱର ଶାଖା ତରଫରୁ ଶତାଧିକ ଭକ୍ତ ମନ୍ଦିର ପରିସର ସମେତ ନେତ୍ର କୁଣ୍ଡରୁ ପଙ୍କ ଉଦ୍ଧାର କରିଥିଲେ। ସେମାନେ ପ୍ରଥମେ ଏକ ସୁସଜ୍ଜିତ ରଥରେ ବାବା ବଳିଆଙ୍କ ଫଟୋ ଓ ଶ୍ରୀମଦ୍ ଭଗବତ ଗୀତା ରଖି ଶୋଭା ଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ମନ୍ଦିର ପରିକ୍ରମା ପରେ ସଫେଇ ଓ ପଙ୍କ ଉଦ୍ଧାର ଆରମ୍ଭ ହୋଇଥିଲା ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ବାଦଲ ଚନ୍ଦ୍ର ସେନାପତି, ଅନନ୍ତ ଦାସ, ଶ୍ରୀହରି ପାତ୍ର, ଗୁଣାଧର ଗିରି, ସୁରେନ୍ଦ୍ର ଗିରି, ନିରଞ୍ଜନ ଗିରି, ଦୀପକ ଘଡ଼ାଇ, ବିଜୟ ସାହୁ, ଦିଲ୍ଲୀପ ଦାସ ଅଧିକାରୀ, ଅସିତ ରଣା, ମଧୁସ୍ମିତା ସାମଲ, ଆଶାଲତା ସାହୁ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ଥିଲେ। ସୂଚନା ଥାଉକି, ଦୀର୍ଘ ୧୭ ବର୍ଷ ଧରି ଏହି ସଂଗଠନ ମହାଶିବରାତ୍ରୀ ପୂର୍ବରୁ ପଙ୍କ ଉଦ୍ଧାର ଏକାଦଶୀ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ କରି ଆସୁଛନ୍ତି।

# ବିଦ୍ୟାଳୟରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା



ଜଳେଶ୍ୱର,୧୩।୨(ସମିସ): ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭଙ୍ଗାରୁଜା ସହିତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ସୂଚନାନୁଯାୟୀ ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ଗୋପ ସତୀନ୍ଦ୍ର ନାଥ ଉପ୍ରା ବିଦ୍ୟାଳୟର ମୁଖ୍ୟ ଅଫିସ କାର୍ଯ୍ୟାଳୟରେ ଥିବା ଦୁଇଟି ଗୃହର ତାଲା ଭାଙ୍ଗିବା ସହିତ ଗୃହ ଭିତରେ ରହିଥିବା ୩ଟି ଷ୍ଟିଲଆଲମିରାର କବାଟ ଓ ଲୋକର ଭାଙ୍ଗି ବିଭିନ୍ନ ସାମଗ୍ରୀ କାଗଜପତ୍ର ଏଣେତେଣେ ବିଛାଡ଼ି ପକାଇବା ସହିତ କିଛି ଦରକାରୀ ଜିନିଷ ପତ୍ର ଓ କିଛି ନଗଦ ଅର୍ଥ ଚୋରୀ କରି ନେଇଯାଇଥିବା ଜଣାଯାଇଛି। ଏଥିନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। କିଛିଦିନ ଧରି ଜଳେଶ୍ୱର ଅଞ୍ଚଳରେ ବହୁ ବିଦ୍ୟାଳୟ, ପଂଚାୟତ କାର୍ଯ୍ୟାଳୟ ଓ ମନ୍ଦିର ଚୋରି ହେବାରେ ଲାଗିଛି। ମାତ୍ର ବର୍ତ୍ତମାନ ସୁଦ୍ଧା ପୁଲିସ ହାତରେ ଦୁର୍ବୃତ୍ତର କୌଣସୀ ସୁରାକ ଲାଗି ପାରିନାହିଁ।

# ନୀଳଗିରିର ରାଜକୁମାର କିରେନେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଦେହାନ୍ତ



ନୀଳଗିରି,୧୩।୨(ସମିସ): ନୀଳଗିରି ରାଜ ଦରବାରର ୩୭ତମ ତଥା ଶେଷ ରାଜା ରାଜ କିଶୋର ମର୍ଦ୍ଦରାଜ ହରିଚନ୍ଦନଙ୍କ କନିଷ୍ଠ ପୁତ୍ର ରାଜକୁମାର କିରେନେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ (୭୮) ବୟସରେ ପରଲୋକ ଘଟିଛି। ଗତ୧୨ତାରିଖରେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳ ବିୟୋଗ ଘଟିଛି। ସେ ଜଣେ ଧର୍ମପରାୟଣ, ଉଚ୍ଚ ଚିନ୍ତାଶୀଳ ମେଳାପି ବ୍ୟକ୍ତି ଭାବେ ପରିଚିତ ଥିଲେ। ଜୀବନକାଳ ଭିତରେ ଲୋକଙ୍କ ସେବାରେ ଜୀବନ ବିତାଇ ଥିଲେ। ତାଙ୍କର ସ୍କୁଲ ଜୀବନ ନୀଳଗିରି କେ. ସି. ହାଇସ୍କୁଲରୁ ହିଁ ଆରମ୍ଭ କରିଥିଲେ। ପରେ ରାଜକୁମାର କଲେଜରେ ପାଠ ପଢ଼ିଥିଲେ। ପରେ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ଚାକିରି ଜୀବନ ନିଜର କର୍ତ୍ତବ୍ୟ, ସମୟାନୁବର୍ତ୍ତିତା, ଲୋକଙ୍କ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଯୁବା ବୟସରେ ସେ ବନ୍ୟ ପ୍ରାଣୀଙ୍କୁ ଭଲ ପାଉଥିଲେ। ତାଙ୍କର ଅକାଳ ବିୟୋଗରେ ନିଳଗିରି ରାଜ ପରିବାରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ତାଙ୍କର ଅନ୍ତିମ ସତ୍କାର ନିଳଗିରି ରାଜବାଟିରେ ସମ୍ପନ୍ନ ହୋଇଛି।

# ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ନିଆଁ



ନୀଳଗିରି,୧୩।୨(ସମିସ); ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଥିବା ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟରେ ପ୍ରତିବର୍ଷ ଏଭଳି ଘଟଣା ଘଟୁଛି। ଏହା ମନୁଷ୍ୟକୃତ ହେଉ ବା ଅନ୍ୟ କୌଣସି କାରଣରୁ ବାରମ୍ବାର ଘଟୁଥିବାବେଳେ ଅଗ୍ନି ସେବାଶମ ବିଭାଗ ନିଆଁକୁ ଲିଭାଇବା ପାଇଁ ନାକେଦମ୍ ହେଉଛି। ଏବେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ଅଞ୍ଚଳ ବାସୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ନିଆଁ ଲାଗିବା ଫଳରେ ପାହାଡ଼ର ପାଦଦେଶରେ ଥିବା ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ନୀଳଗିରି ବନ ଅଧିକାରୀ ମନ୍ ୱାର ଖାଁ ଘଟଣା ସ୍ଥଳରେ ପହଞ୍ଚି କିପରି ନିଆଁକୁ ଆୟତ୍ତ କରିବେ ସେଥିପାଇଁ ସଙ୍ଗେ ସଙ୍ଗେ ନୀଳଗିରି ଦମକଳ ବାହିନୀଙ୍କୁ ଯୋଗାଯୋଗ ପରେ ଦମକଳ ବାହିନୀ ଅଧିକାରୀ ହରିଶ୍ଚନ୍ଦ୍ର ନାଥ, ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ଚନ୍ଦନେଶ୍ୱର,୧୩।୨ (ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଗମ୍ଭାରିଆ ଗାଁର ସ୍ୱର୍ଗତ କାହ୍ନୁ ଚରଣ ଦାସଙ୍କ ସହ ଧର୍ମିଣୀ ଚାରୁବାଳା ଦାସ(୮୮)ଙ୍କ ପରଲୋକ ହୋଇ ଯାଇଛି। ସେ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ ଏବଂ ପରୋପକାରୀ ମହିଳା ଭାବେ ତାଙ୍କର ବେଶ ଖ୍ୟାତି ଥିଲା। ବାର୍ଦ୍ଧକ୍ୟ କାରଣରୁ ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରା ଯାଇଥିଲା। ପୁଅ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରସାଦ, ବିଶିଷ୍ଟ ବ୍ୟବସାୟୀ ରଞ୍ଜନ ଏବଂ ନୀଳଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଞ୍ଜନ ମୁଖାଗ୍ନି ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସ୍ୱର୍ଗତ ଦାସ ଜଣେ ଆଦର୍ଶ ମହିଳା ଥିଲେ। ବାର୍ଦ୍ଧକ୍ୟ କାରଣରୁ ଅସୁସ୍ଥ ଥିବାରୁ ଏମ୍ସରେ କାର୍ଯ୍ୟକରୁଥିବା ବଡ ନାତି ସୁଶୋଭନ ସେଠାକୁ ନେଇ ଚିକିତ୍ସାସେବା ଯୋଗାଇ ଦେଇ ଆସୁଥିଲେ। ମୃତ୍ୟୁ ଖବର ପାଇ ସାହାବାଜିପୁର ସରପଂଚ ଅରୁଣ କୁମାର ଗିରି,ସମିତି ସଦସ୍ୟ ତରଣୀକାନ୍ତ ସେନାପତି ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ। ଖବର ପାଇ ନାତୁଣୀ ସୁତପାଙ୍କ ସମେତ ନାତି ଦେବାଶିଷ,ଅନ୍ୟ ୪ ନାତୁଣୀ ସେଠାରେ ପହଂଚି ଅନ୍ତିମ ଦର୍ଶନ କରିଥିଲେ।ତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଟ୍ରାନ୍ସଫର୍ମର ପୋଡ଼ି ଯୋଗୁଁ ପିଇବା ପାଣି ପାଉନାହାନ୍ତି ଗ୍ରାମବାସୀ

ଜଳେଶ୍ୱର ବ୍ଲକ,୧୩।୨(ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ମାକିଡ଼ିଆ ଗ୍ରାମ ପଞ୍ଚାୟତର ମାକିଡ଼ିଆ ଗ୍ରାମରେ ୪ଶହ ଘର ଥିବାବେଳେ ୨୫ ଶହ ପାଖାପାଖି ଲୋକ ବସବାସ କରୁଛନ୍ତି। ତେବେ ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁଁ ଗ୍ରାମରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଗ୍ରାମରେ ଦୁଇଟି ପାଣି ଟାଙ୍କି ଥିଲେ ମଧ୍ୟ ଗୋଟିଏ ପାଣି ଟାଙ୍କିରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗହୋଇ ନ ଥିବା ହେତୁ ଗୋଟିଏ ଟ୍ରାନ୍ସଫାର୍ମରରେ ଦୁଇଟି ଯାକ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କିରେ ପାଣି ଯୋଗାଇ ଆସୁଥିଲା। କିନ୍ତୁ ଆଜକୁ ୬ ଦିନ ହେଲା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯିବା ହେତୁ ପିଇବା ପାଣି ପାଇବାରୁ ବଞ୍ଚିତ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ଏ ନେଇ ବିଭାଗକୁ ଜଣାଇ ଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଜଳଯୋଗାଣ ସ୍ୱାଭାବିକ ନହେଲେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଯୁବ ନେତା ଭବାନୀ ଶଙ୍କର ଦାସ, ତାପସ କୁମାର ଚାନ୍ଦ, ସୋମରେନ୍ଦ୍ର ଘୋଷ, ପ୍ରମଥ ଦାସ, ଭୂପତି କୁଇଲା, ଦୀପକ କାପୁଡ଼ି ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ଆମେ ଜଳେଶ୍ୱର ଗ୍ରାମ୍ୟ ପରିମଳ ଜଳଯୋଗାଣ ବିଭାଗର ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଖୁବ୍ ଶୀଘ୍ର କିଭଳି ଭାବରେ ଗ୍ରାମବାସୀ ପିଇବା ପାଣି ପାଇବେ ତାହାର ବ୍ୟବସ୍ଥା କରିବୁ।

# ନିଲାମ ହେଲା ଖାଦାନରୁ ଜବତ ପଥର

ସୋର,୧୩।୨(ସମିସ): ବାଗୁଡି ପଥର ଖାଦାନରୁ ପଥର ଚୋରିରେ ରୋକ ଲାଗିପାରୁନାହିଁ। ଫଳରେ ମାଫିଆ ମାଲେମାଲ ହେଉଥିବା ବେଳେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସୋର ତହସିଲ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ପଥର ଜବତ କରାଯାଉଥିବା ବେଳେ ଖଣି ଅଧିକାରୀଙ୍କ ନିରବତା ସମସ୍ତଙ୍କୁ ଚକିତ କରିଛି। ଆଜି ସକାଳେ ବାଗୁଡ଼ି ଖାଦାନରୁ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ମାଫିଆ ଓ କାମ କରୁଥିବା ଶ୍ରମିକ ମାନେ ଚମ୍ପଟ କାରିଥିବା ବେଳେ ୯୦ ନମ୍ବର କ୍ୱାରୀ ନିକଟରୁ ହଜାରେ କ୍ୟୁଭି ମିଟର ପଥରକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଅପରାହ୍ନରେ ଜବତ ପଥରକୁ ଖଣି ବିଭାଗ ଓ ତହସିଲଦାରଙ୍କ ଉପସ୍ଥିତିରେ ୧୦ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଦିଆଯାଇଥିବା ଜଣାପଡିଛି। କେବଳ ତହସିଲ ପକ୍ଷରୁ ଚଢାଉ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ଚଢାଉ ହେଉନଥିବାରୁ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଚନ୍ଦନେଶ୍ୱର ଯାତ୍ରୀ ନିବାସରେ ଝୁଲୁଛି ତାଲା
# ନିରାଶ ହୋଇ ଫେରୁଛନ୍ତି ପର୍ଯ୍ୟଟକ, ଯାତ୍ରୀ

ଚନ୍ଦନେଶ୍ୱର,୧୩।୨(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ହୁଗୁଳି ଗ୍ରାମପଞ୍ଚାୟତର ବାଡ଼ସରିସା ଗ୍ରାମରେ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଫେସର ଡଃ. ମନ୍ମଥ ନାଥ ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦନେଶ୍ୱର ଯାତ୍ରୀ ନିବାସ ବର୍ଷବର୍ଷ ଧରି କର୍ମଚାରୀ ଶୂନ୍ୟ ହୋଇ ବନ୍ଦ ରହିବା ଫଳରେ ଏଠାକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ଏବେ ଏହା ଭୂତକୋଠି ପାଲଟିଛି। ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଅଞ୍ଚଳବାସୀ ସ୍ୱର ଉଠାଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ୨୦୦୩ ମସିହାରେ ତତ୍କାଳୀନ ରାଜ୍ୟସଭା ସାଂସଦ ତଥା ଭୋଗରାଇ ମାଟିର ବରପୁତ୍ର ଐତିହାସିକ ପ୍ରଫେସର ଡ. ମନ୍ମଥ ନାଥ ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୬୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ ସର୍ବସାଧାରଣମାନଙ୍କ ପାଇଁ ୩ ମହଲା ବିଶିଷ୍ଟ ଯାତ୍ରୀନିବାସରେ ୧୦ ଟି କୋଠରୀ, ୪ ଗୋଟି ସଭା ଗୃହ ସହିତ ପଛପଟେ ରୋଷେଇ ଗୃହ ଓ ଶୌଚାଳୟ ନିର୍ମାଣ ହୋଇ ଗତ ୨୫ ମାର୍ଚ୍ଚ ୨୦୦୩ ମସିହାରେ ଉଦ୍‌ଘାଟନ ହୋଇଥିଲା। ଏହା ପର୍ଯ୍ୟଟନ ବିଭାଗ ଅଧୀନରେ ରହିଥିଲା। ଚନ୍ଦନେଶ୍ୱର ପର୍ଯ୍ୟଟନ ସ୍ଥଳୀ ଓ ଶୈବ ପୀଠ ହୋଇଥିବାରୁ ଏଠାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ରାତ୍ରିଯାପନ କରୁଥିଲେ। ଏହାଛଡ଼ା ବିଭିନ୍ନ ସମୟରେ ବିବାହ, ବ୍ରତ ଓ ଛୋଟଛୋଟ ସଭା କାର୍ଯ୍ୟ ସହିତ ବାତ୍ୟା ସମୟରେ ଏଠାରେ ବହୁ ଲୋକେ ଆଶ୍ରୟ ନେଉଥିଲେ। ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱରଙ୍କ ଚଡ଼କ ମେଳା ଓ ଶ୍ରାବଣ ପୂର୍ଣ୍ଣିମାରେ ଶହଶହ ପୁଲିସ କର୍ମଚାରୀ ମଧ୍ୟ ଏଠାରେ ଆଶ୍ରୟ ନେଉଥିଲେ। ବର୍ଷକର ବିଭିନ୍ନ ସମୟରେ ପର୍ଯ୍ୟଟକ ଓ ଯାତ୍ରୀ ମାନେ ସ୍ୱଳ୍ପ ମୂଲ୍ୟରେ ଏଠାରେ ଆଶ୍ରୟ ନେଉଥିଲେ। ଏଠାରେ ୮ ଜଣ କର୍ମଚାରୀ ନିଯୁକ୍ତି ହୋଇଥିଲେ ମଧ୍ୟ ୭ ଜଣ କର୍ମଚାରୀ ଅବସର ନେଇ ଚାଲିଯାଇଥିବା ବେଳେ ଜଣେ ମାତ୍ର ଜଗୁଆଳି ଅଚ୍ୟୁତାନନ୍ଦ ବେହେରା ଏଠାରେ ଅବସ୍ଥାପିତ ରହି କାର୍ଯ୍ୟ କରୁଛନ୍ତି। ସେ ଅବସର ନେଇ ଚାଲିଯିବା ପରେ ପ୍ରାୟ ୩ ବର୍ଷ ଧରି ଉକ୍ତ ଯାତ୍ରୀ ନିବାସଟି ବନ୍ଦ ହୋଇ ପଡ଼ି ରହିଛି। ଅନ୍ୟ ପକ୍ଷରେ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ନ ଦେବାରୁ ଉକ୍ତ ଯାତ୍ରୀ ନିବାସଟି ବର୍ଷବର୍ଷ ଧରି ବନ୍ଦ ହୋଇପଡ଼ିଛି। ମୁଖ୍ୟ ଫାଟକରେ ତାଲା ପଡ଼ିଥିବାରୁ ଯାତ୍ରୀ ଓ ପର୍ଯ୍ୟଟକ ମାନେ ଏଠାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏଠାରେ ଜେନେରେଟର ସୁବିଧା ମଧ୍ୟ ନ ଥିବାରୁ ବିଦ୍ୟୁତ କାଟ ବେଳେ ଅନ୍ଧାରରେ ରହୁଛି ଉକ୍ତ ଯାତ୍ରୀ ନିବାସ। ଆବଶ୍ୟକୀୟ କର୍ମଚାରୀ ଓ ପରିଚାଳନା ଗତ ତ୍ରୁଟି ଯୋଗୁଁ ଉକ୍ତ ଯାତ୍ରୀନିବାସଟି ବନ୍ଦ ହୋଇ ପଡ଼ିଥିବା ଯୋଗୁଁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

## ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଦାବିକଲେ ଅଞ୍ଚଳବାସୀ

# ଲଙ୍ଗଳେଶ୍ୱର ପୀଠରେ ଜାଗର ପ୍ରସ୍ତୁତି; ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

କାଳିପଦା,୧୩।୨(ସମିସ)



ବାଲେଶ୍ୱର ଜିଲ୍ଲାର ପ୍ରାଚୀନ ଶୈବ ପୀଠ ମଧ୍ୟରୁ ବାବା ଲଙ୍ଗଳେଶ୍ୱର ପୀଠ ଅନ୍ୟତମ। ଏଠାରେ ଆଗାମୀ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ବିଶେଷକରି ଶୃଙ୍ଖଳିତ ଦର୍ଶନ ପାଇଁ ଗୁରୁତ୍ୱ ଦିଆଯାଇଛି।

ଏହି ପୀଠରେ ଉଭୟ ମହାଦେବ ଓ ମାତା ପାର୍ବତୀଙ୍କ ମନ୍ଦିର ରହିଛି। ବାଲେଶ୍ୱର ସଦର ମହକୁମା ଠାରୁ ୪୮ କିଲୋମିଟର ଓ ବାଲିଆପାଳ ବ୍ଲକ୍ ସଦରରୁ ୨୦ କିଲୋମିଟର ଦୂରରେ ଏହି ମନ୍ଦିର ଅବସ୍ଥିତ। ଏହି ମନ୍ଦିରର ପୂର୍ବ ପାଶ୍ୱର୍ ଦେଇ ବୋହିଯାଇଥିବା ପାର୍ବତୀ ନଦୀ ମନ୍ଦିରର ଶୋଭା ବର୍ଦ୍ଧନ କରେ। ସ୍ୱୟଂ ମହାଦେବ ମନ୍ଦିର ସନ୍ନିକଟ ଷୋଳସା ପାଣ୍ଡ ବିସ୍ତୀର୍ଣ୍ଣ ଜମିରେ ଲଙ୍ଗଳ ଦ୍ୱାରା ଚାଷ କରିଥିଲେ। ସେଥିପାଇଁ ପୀଠର ନାମ କରଣ ଲଙ୍ଗଳେଶ୍ୱର ହୋଇଛି। ଦେବୋତ୍ତର ଜମି ବିବାଦ କାରଣରୁ ପୀଠର କୌଣସି ଉନ୍ନତି ହୋଇପାରୁ ନାହିଁ। ୨୦୧୦ ମସିହାରେ ତତ୍କାଳୀନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଉଦ୍ୟମରେ ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହାର ବିକାଶ ପାଇଁ ଦୀର୍ଘ ଦିନ ଧରି ଦାବି ହୋଉଆସୁଥିଲା। ୨୦୨୩ ରେ ଏହି ପୀଠର ଉନ୍ନତି ପାଇଁ ପ୍ରୟାସ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ହୋଇପାରିନାହିଁ। ଯାହାକି ଅଞ୍ଚଳବାସୀଙ୍କ ପାଇଁ ବିଡ଼ମ୍ବନାର ବିଷୟ। କଳା ମୁଗୁନି ପଥରରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଅଦ୍ୟାବଧି ଅକ୍ଷୁର୍ଣ୍ଣ ରହିଛି।

କିମ୍ବଦନ୍ତୀ ଅନୁସାରେ ଶିବ ପାର୍ବତୀଙ୍କ କଳହରୁ ମହାଦେବ ଏହି ସ୍ଥାନକୁ ଆସନ୍ତି। ଶିବଗଣଙ୍କ ମଧ୍ୟରୁ ବାସୁଆ ଓ ପବନା ମହାଦେବଙ୍କ ଅନୁଗାମୀ ହୋଇ ତାଙ୍କ ସହିତ ଏହି ସ୍ଥାନରେ ରହିଛନ୍ତି। ମହାଦେବ ନିଜ ମହିମା ପ୍ରକଟ କରିବାକୁ ଯାଇ ତାଙ୍କର ଲୀଳା ଖେଳା ପାଶ୍ୱର୍ବର୍ତ୍ତୀ ସ୍ଥାନ ମାନଙ୍କରେ କରିଛନ୍ତି। ବଣିଆଡ଼ିହା, ମହାବଳା, ପାର୍ବତୀପୁର, ଗଞ୍ଜା, ଜାମଶୂଳୀ, ଗୋହାଳିପଦା ଆଦି ଗ୍ରାମ ଗୁଡ଼ିକର ନାମ କରଣ ଏଇଥିରୁ ପ୍ରତିପନ୍ନ ହୋଇଛି। ଏହିଠାରେ ପ୍ରତିବର୍ଷ ଜାଗର ଯାତ୍ରା ମହାଆଡ଼ମ୍ବରରେ ହୋଇଥାଏ। ଚଳିତବର୍ଷ ମଧ୍ୟ ଜାଗର ପ୍ରସ୍ତୁତି ଜୋରଦାର ହୋଇଛି। ଜାଗର ସମୟରେ ଅଞ୍ଚଳ ଉତ୍ସବମୁଖର ହୋଇଥାଏ। ଏଠାରେ ଅନେକ ପର୍ବପର୍ବାଣି ରହିଥିଲେ ବି ଜାଗର ଓ ପାଟ ପର୍ବ ଖୁବ ପ୍ରସିଦ୍ଧ। ଜାଗର ମେଳା ଏହି ପୀଠରେ ପନ୍ଦର ଦିନ ଧରି ବସେ। ଜାଗର ଓ ମେଳା ପାଇଁ ଦୂର ଦୂରାନ୍ତରୁ ହଜାର ହଜାର ଲୋକଙ୍କ ସମାବେଶ ହୁଏ। ଭକ୍ତମାନେ ଏହି ଦିନରେ ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ମାନସିକ ପୂରଣ ପାଇଁ ଦୀପ ଜାଳି ଥାନ୍ତି। ଚଳିତବର୍ଷ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ଡ୍ରେନ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ କଲେ ବିଧାୟକ

**ସୋର,୧୩।୨(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକରୁ ପାଇକାଳି ପର୍ଯ୍ୟନ୍ତ ରାସ୍ତା କଡରେ ଡ୍ରେନ ନିର୍ମାଣ ପାଇଁ ସୋର ବିଧାୟକ ମାଧବ ଧଡ଼ା ବିଭିନ୍ନ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିବା ସହିତ ସମୀକ୍ଷା କରିଛନ୍ତି। ସୋରରେ ବର୍ଷତମାମ ଡ୍ରେନେଜ ସମସ୍ୟା ଲାଗି ରୁହେ। ଯେଉଁ କାରଣରୁ ଲୋକେ ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟାକୁ ସମ୍ମୁଖିନ ହୋଇଥାନ୍ତି। ଦୀର୍ଘଦିନ ଧରି ଏବାବଦରେ ଅଭିଯୋଗ କରାଯିବା ପରେ କଲେଜ ଛକରୁ ପାଇକାଳି ପୋଲ ପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଜାତୀୟ ରାଜପଥ ନିର୍ମାଣ ସଂସ୍ଥା ପ୍ରତିଶୃତି ଦେଇଥିଲା। ଫଳରେ ଆଜି ମଧ୍ୟାହ୍ନରେ ଡ୍ରେନ ନିର୍ମାଣ ପୁର୍ବରୁ ସୋର ବିଧାୟକ ମାଧବ ଧଡା ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା କରିଛନ୍ତି। ଏହି ସମୟରେ ପୁର୍ତ୍ତ ବିଭାଗ, ଡ୍ରେନେଜ ବିଭାଗ, ଜାତୀୟ ରାଜପଥର ଉଚ୍ଚ ପଦାଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସୋର ତହସିଲଦାର ଦେିତାରୀ ମଲ୍ଲିକ, ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ କଲେଜ ଛକରୁ ଚାଲି ଚାଲି ପାଇକାଳି ପର୍ଯ୍ୟନ୍ତ ଆସିଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନକୁ ଚିହ୍ନଟ କରାଯାଇ ସମୀକ୍ଷା କରାଯାଇଥିଲା।

## ଦମ୍ପତିଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ସୋର,୧୩।୨(ସମିସ):** ସୋର ପୌର ପାଳିକା ଅନ୍ତର୍ଗତ କ୍ଷୀରକୋଣି ଗ୍ରାମରେ ଏକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତକାଲି ଅପରାହ୍ଣରେ କ୍ଷୀରକୋଣି ଗ୍ରାମର ଶୁଭମ ବିଶ୍ୱାଳ ଏବଂ ଲକ୍ଷ୍ମଣ ବିଶ୍ୱାଳ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ନୀଳକଣ୍ଠ ବେହେରା ଏବଂ ଭଗବତୀ ବେହେରାଙ୍କୁ ତାଙ୍କ ଘରେ ପଶି ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନୀଳକଣ୍ଠ ଏବଂ ଭଗବତୀ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ମାନେ ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ବାବଦରେ ନୀଳକଣ୍ଠଙ୍କ ଝିଅ ଦିବ୍ୟାଭାରତୀ ବେହେରା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୪୬/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତିରେ ପୁଲିସ ଲକ୍ଷ୍ମଣ ବିଶ୍ୱାଳ(୨୬) କୁ ଗିରଫ କରିଥିଲା। ଆଜି ଅପରାହ୍ଣରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଶୁଭମ ଫେରାର ଅଛି।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



**ଭୋଗରାଇ,୧୩।୨(ସମିସ):** ଭୋଗରାଇ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯଜ୍ଞେଶ୍ୱର ଜେନା ଯୋଗଦାନ କରିଛନ୍ତି। ସେ ପୂର୍ବରୁ ସଦର ବ୍ଲକ୍‌ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଥିଲା ବେଳେ ଏବେ ଭୋଗରାଇ ବ୍ଲକରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିବେ। ପୂର୍ବରୁ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ ଅବସର ଗ୍ରହଣ କରିଥିଲା ବେଳେ ଏହି ସ୍ଥାନ ଖାଲି ପଡ଼ିଥିଲା। ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦାନ ପରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଜୋସ୍ନାରାଣୀ ପଣ୍ଡା, ସିଆରସିସି ସ୍ୱାଗତ କୁମାର ସୁର, ଜାକିର ହୁସେନ ସାହା, ସୁଦର୍ଶନ ଦାସ, ଅନୁପମ ସାହୁ, ଦେବ କୁମାର ପାତ୍ର, ବ୍ରଜକୋଶ ମହାନ୍ତି, କନିଷ୍ଠ କିରାଣି ଇନ୍ଦୁଭୂଷଣ ଦାସ ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ କରିଥିଲେ।

## ମଣ୍ଡିରେ ଧାନକିଣା ବନ୍ଦ, ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ



**ଜଳେଶ୍ୱର,୧୩।୨(ସମିସ):** ରାଜପୁର ପଞ୍ଚାୟତର ରାମନଗରପାଟଣା ସେବା ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନକିଣା ବନ୍ଦ ହୋଇଛି। ଧାନବିକ୍ରି ଲାଗି ୪୬୪ ଜଣ ଚାଷୀ ନାମପଞ୍ଜୀକରଣ କରିଥିବା ବେଳେ ୯୭ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ୧୦ଦିନ ବିତିଯାଇଥିଲେ ମଧ ଅଦ୍ୟାବଧି ଚାଷୀଙ୍କୁ ମିଳିନି ଟଙ୍କା। ୧୨୫ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍‌ସ ହେବାକୁ ବସିଲାଣି। ଏବେବି ବହୁ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିବାରୁ ଆସନ୍ତା ୧୭-୨-୨୬ ରିଖ ଠାରୁ ଚାଷୀମାନେ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖ ଓଟି ରୋଡରେ ଧାନବସ୍ତା ସହ ଅବରୋଧ କରିବାକୁ ବାଧ୍ୟ ହେବେବୋଲି ଆଜି ଅପରାହ୍ଣରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଚାଷୀକମିଟି ପକ୍ଷରୁ ଜିଲ୍ଲାପାଳ, ବିଡିଓ ଜଳେଶ୍ୱର, ତହସିଲଦାର, ଏସ୍‌ଡିପିଓ, ଆଇଆଇସି, ପୌର କାର୍ଯ୍ୟନିର୍ବାହୀଯନ୍ତ୍ରୀ, ଯୋଗାଣ ଅଧିକାରୀ, ବିଧାୟକ, ସାଂସଦ, କୃଷି ମନ୍ତ୍ରୀ ଓ ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଚାଷୀ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସରପଂଚ ପ୍ରତିନିଧି ଦିଲ୍ଲିପ ପରିଡା, ରାଧାଶ୍ୟାମ ସାହୁ, ଗଣେଶ ପାତ୍ର, ସୁନିଲ ମହାନ୍ତି, ହରିଶଚନ୍ଦ୍ର ଭୂୟାଁ, ଦୁର୍ଗାଶଙ୍କର ଭୂୟାଁ, ମଧୁସୂଦନ ଦାସ, ବିଧାୟକ ଅଶ୍ୱନୀ ପାତ୍ର, କଂଗ୍ରେସ ନେତା ମଧୁସୂଦନ ଦାସ, ଦିଲ୍ଲିପ ଗିରି, ଜିଲାପରିଷଦ ସଭାପତି ଅନୁସୂୟା ପ୍ରଧାନ, ପୌରପାଳ ପ୍ରଦୀପ ପ୍ରଧାନ, ଆନନ୍ଦ କର, ସୁରଜ ଚୌରାସିଆ, ଆବାସ ଅଲି, ସୁଧିର ମହାନ୍ତି, ଲେଲିନ୍ ପ୍ରଧାନ, କରୁଣାକର ଭୂୟାଁ ପ୍ରମୁଖ ବହୁ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ତହସିଲଦାରଙ୍କ ଉପସ୍ଥିତିରେ ହେଲା ଜବରଦଖଲ ଉଚ୍ଛେଦ

**ସୋର,୧୩।୨(ସମିସ):** ସୋର ତହସିଲ ଅଧୀନ ଗୋବିନ୍ଦପୁର ଗ୍ରାମରେ ସରକାରୀ ଜାଗାରେ ହୋଇଥିବା ଏକ ଜବରଦଖଲକୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ମାର୍କୋଣା କେନାଲ ଡିଭିଜନ ତରଫରୁ ସାଳନ୍ଦୀ କେନାଲ କାମ ଚାଲିଥିବା ବେଳେ ଏହି କେନାଲ ସୋର ଥାନା ଗୋବିନ୍ଦପୁର ଗ୍ରାମ ଦେଇ ଯାଇଛି। କେନାଲ ନିର୍ମାଣ ରାସ୍ତାରେ ଜଣେ ବ୍ୟକ୍ତି ଏକ ସରକାରୀ ଜାଗାରେ ଦୀର୍ଘଦିନ ଧରି ଏକ ୱାଚ ଟାୱାର କରି ସେଠାରେ ବିସ୍ଫୋରକ ଥିବା କହି ଲୋକଙ୍କୁ ଭୟଭୀତ କରୁଥିଲେ। ଫଳରେ ଏ ବାବଦରେ ସୋର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦେିତାରୀ ମଲ୍ଲିକ କୌଣସି କଥାକୁ ଖାତିର ନ କରି ବମ ସ୍କ୍ୱାର୍ଡ, ଅଗ୍ନିଶମ ବିଭାଗ, ସୋର ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଘରକୁ ଯାଞ୍ଚ କରିଥିଲେ। କିନ୍ତୁ ସେଠାରୁ କିଛି ବିସ୍ଫୋରକ ନ ମିଳିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରି ଜବରଦଖଲ ଉଚ୍ଛେଦ କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅଗ୍ନିଶମ କେନ୍ଦ୍ର ଅଧିକାରୀ ଯମୁନା ପ୍ରସାଦ ମହନ୍ତଙ୍କ ସମେତ କେନାଲ ଡିଭିଜନର ଉଚ୍ଚ ପଦସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

● ଏଭିଏମ୍ ସ୍କୁଲର ବାର୍ଷିକୋତ୍ସବ

## ସଫଳତା ପାଇଁ କଠିନ ପରିଶ୍ରମ ଲୋଡା




**ଖଇରା,୧୩।୨(ସମିସ):** ବାଲେଶ୍ୱର ଜିଲା ଖଇରା ସ୍ଥିତ ଏଭିଏମ ସ୍କୁଲର ୧୬ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁକାନ୍ତ କୁମାର ଗାହାଣଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ମାଣିକ ମିଶ୍ର ମୁଖ୍ୟ ଅତିଥି, ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଯୁଗଳ କିଶୋର ଗାହାଣ ମୁଖ୍ୟ ଅତିଥି,ସିଆରସିସି ବିପିନ ବିହାରୀ ଦାସ,ଖଇରା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡ. ଉଦୟ ରଞ୍ଜନ ଦାସ ଓ ଡ ସୁଜିତ କୁମାର ଛାଟିଆ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିଶ୍ରୀ ନନ୍ଦ ଅତିଥି ପରିଚୟ, ଶ୍ରୀଲିପ୍ସା ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଭୂମିକା ସାହୁ,ନୈତିକ ପ୍ରିୟଦର୍ଶନୀ ବେହେରା, ଦିବ୍ୟାଂଶୁ ସେଠୀ, ମାନବୀ ମାଝୀ, ତପସ୍ୱିନୀ ରାଉତ ଏବଂ ଛାତ୍ର ହିମାଂଶୁ ପୃଷ୍ଟି ଓ ଅଲେଖ ହାତୀଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

● ବାବା ବାଲୁକେଶ୍ୱର ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ଦର୍ଶକଙ୍କ ମନମୋହିଲେ ପୁପିନ୍ଦର



**ଖଇରା,୧୩।୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁ ଗ୍ରାମ ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ଚାଲିଥିବା ବାବା ବାଲୁକେଶ୍ୱର ମହୋତ୍ସବର ପଞ୍ଚମ ସନ୍ଧ୍ୟା ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥି, ଖଇରା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବଳରାମ ଲେଙ୍କା, କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ବରିଷ୍ଠ ସଭ୍ୟ ସନ୍ତୁନାଥ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଲୁକେଶ୍ୱର ଟ୍ରଷ୍ଟ ଅଧ୍ୟକ୍ଷ ଶରତ କୁମାର ଜେନା, ସମ୍ପାଦିକ ମିତାରାଣୀ ସେଠୀ ଓ ସଭାପତି ବିଭୂତି ଭୁଷଣ ମାହାନା ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ କଳାକାର ପୁପିନ୍ଦର ସିଂଙ୍କ ସଂଳାପ ତଥା ରକି ଏବଂ ଗୀତାରାଣୀ ଡ୍ୟାନ୍ସ ଗ୍ରୁପର ପ୍ରତ୍ୟେକଟି ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମନ୍ଦିରରେ ଲାଇଟ୍ ଲଗାଉଥିବାବେଳେ ଖସିପଡ଼ିଲେ ଯୁବକ




**ଜଳେଶ୍ୱର,୧୩।୨(ସମିସ):** ଆରୁହା ପଞ୍ଚାୟତର ସେହି ଗାଁରେ ଥିବା ଶିବ ମନ୍ଦିରରେ ବିଦ୍ୟୁତ୍ ଆଲୋକ ସଜାଉଥିବା ବେଳେ ମନ୍ଦିର ଶୀର୍ଷରୁ ଖସିପଡ଼ି ଯୁବକ ଗୁରୁତର ହୋଇଛନ୍ତି। ରବିବାର ମହାଶିବରାତ୍ରୀ ଥିବାରୁ ଯୁବକ ଜଣକ ମନ୍ଦିର ଉପରକୁ ଉଠି ଟୁନିଲାଇଟ୍ ସଜାଉଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ତାଙ୍କୁ ତୁରନ୍ତ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିବା ବେଳେ ଗୁରୁତର ହେବାକୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ସେହି ଗାଁର ପଦ୍ମଲୋଚନ ଜେନାଙ୍କ ପୁଅ ରଞ୍ଜିତ ଜେନା (୨୧) ବୋଲି ଜଣାଯାଇଛି।

## ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



**ଭୋଗରାଇ,୧୩।୨(ସମିସ):** ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ୪୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି କହିଥିଲେ ଶିକ୍ଷା ମଣିଷର ଭବିଷ୍ୟତ ତିଆରି କରିବା ସହିତ ସମାଜରେ ଜଣେ ଭଲ ମଣିଷର ପରିଚୟ ସୃଷ୍ଟି କରିଥାଏ। ମୁଖ୍ୟ ବକ୍ତା ଗାଳ୍ପିକ, ଲେଖକ ତଥା ସାହିତ୍ୟିକ ଅଧ୍ୟାପକ ଡଃ ଦିଲ୍ଲୀପ କୁମାର ରଥ, କହିଥିଲେ ଭୋଗରାଇ ଏକ ଜ୍ଞାନର ଗନ୍ତାଘର। ଏଠାରେ ବହୁ ଜ୍ଞାନୀ ଗୁଣୀ, ଐତିହାସିକ, କବି, ଲେଖକ ପାଇଁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ମଞ୍ଚ ଆହ୍ୱାନ କରିଥିଲା ବେଳେ ସଂସ୍କୃତ ଅଧ୍ୟାପକ ବ୍ରଜବିହାରି ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ତ୍ରିବେଣୀ ଧଡ଼ା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଇଂରାଜୀ ବିଭାଗର ଅଧ୍ୟାପକ ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅଧ୍ୟାପକ ଅମିତ୍ କୁମାର ଚାନ୍ଦ ଓ ସୁଚିସ୍ମିତା କର ମାନପତ୍ର ସହିତ ଟ୍ରଫିକ ପ୍ରଧାନ କରିଥିଲେ ଏବଂ ମହାବିଦ୍ୟାଳୟର ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟର ପ୍ରଧ୍ୟାପକ, ଅଧ୍ୟାପକ, ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନାରେ ସହଯୋଗ କରିଥିଲେ।

## ସାରଡାଙ୍ଗ-ରାଇକୁଳା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



**ଖଇରା,୧୩।୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତ ଅଧୀନ ସାରଡାଙ୍ଗ ଆରଡି ରାସ୍ତାରୁ ରାଇକୁଳା ଭାୟା ଅରଖପଦା ରାସ୍ତାର ଭିତ୍ତିପ୍ରସ୍ତର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ଝିଙ୍କିରିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କୈଳାସ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ, ସ୍ଥାନୀୟ ସରପଞ୍ଚ ପ୍ରଣତିବାଳା ମାଝୀ, ପ୍ରାକ୍ତନ ମଣ୍ଡଳ ସଭାପତି ବୁଲୁ ଲେଙ୍କା, ସରପଞ୍ଚ ପ୍ରତିନିଧି ସୁରେଶ କୁମାର ମାଝୀ, ଓ ଦିଲ୍ଲୀପ ବେହେରା, ସୁଦାମ ପୃଷ୍ଟି, ବାବୁଲି ପଣ୍ଡା, ଠିକାଦାର ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନେ ମିର୍ଜାପୁର ସମିତିରେ ଚାଲିଥିବା ବିଭିନ୍ନ ଅବ୍ୟବସ୍ଥା ଯଥା ମିଲର ଧାର୍ଯ୍ୟଦିବସରେ ଧାନ କିଣିବାକୁ ନଆସିବା, ଧାନକିଣା ସରିବା ପରେ ମଧ ମିଲର ପରିବହନ ପାଇଁ ଗାଡି ନପଠାଇବା ଏବଂ ୮ରୁ ୧୦ ପ୍ରତିଶତ କଟ୍‌ନୀ ଛଟ୍‌ନୀ କରିବା ସମ୍ପର୍କିତ ଅଭିଯୋଗ ଉତଥାପନ କରାଯାଇଥିଲା। ଚାଷୀ ମାନଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ ବିଧାୟକ ପଣ୍ଡା ଫୋନ ଯୋଗେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମିର୍ଜାପୁରକୁ ଅତିରିକ୍ତ ମିଲର ଏଜେ ଟ୍ୟାଗ କରିବା ସହ ନିଯୁକ୍ତ ମିଲର ଏଜେନ୍ସିକୁ ଧାର୍ଯ୍ୟ ଦିବସରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜଳେଶ୍ୱର କୃଷି ଜିଲ୍ଲାରେ ମିଳୁନି ପ୍ରୋତ୍ସାହନ

● କୃଷି ବିଭାଗରେ ଅର୍ଦ୍ଧାଧିକ କର୍ମଚାରୀ ପଦ ଫାଙ୍କା

● ୩୬ ହଜାର ହେକ୍ଟର ଜମିରେ ହୋଇଛି ରବି ଫସଲ

ଜଳେଶ୍ୱର,୧୩।୨(ସମିସ)



ସମଗ୍ର ବାଲେଶ୍ୱର ଜିଲ୍ଲାରେ ଚଳିତବର୍ଷ ବିଭିନ୍ନ ରବି ଫସଲ ହୋଇଛି। ୧୧୮୮୪୦ ହେକ୍ଟର ଜମିରେ ରବି ଚାଷ ହେବାକୁ ଥିବାବେଳେ ଜଳେଶ୍ୱର କୃଷି ଜିଲ୍ଲାରେ ୩୬ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ହୋଇଛି। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗତ ଡିସେମ୍ବର ମାସ ଅନୁଷ୍ଠିତ ହୋଇଥିବା ରବି-କୃଷି ଆକଳନ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଜଳେଶ୍ୱର କୃଷି ଜିଲ୍ଲାରେ ବ୍ୟାପକ କର୍ମଚାରୀ ଅଭାବ ଯୋଗୁଁ ଚାଷୀମାନେ ପରାମର୍ଶ, ପ୍ରୋତ୍ସାହନ ଓ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ ବାଲେଶ୍ୱର ଜିଲ୍ଲାରେ ଶଷ୍ୟ ଜାତୀୟ ୪୨୦୬୪ ହେକ୍ଟର, ଡାଲି ଜାତୀୟ ୨୨୯୯୮ ହେକ୍ଟର, ତେଲ ଜାତୀୟ ୧୮୭୩୪ ହେକ୍ଟର, ପରିବା ଜାତୀୟ ୨୫୩୬୨ ହେକ୍ଟର, ମସଲା ଜାତୀୟ ୯୪୮୦ ହେକ୍ଟର ଜମିରେ ଚାଷାବାଦ ହେବା ସଂପର୍କରେ କୁହାଯାଇଛି। କିନ୍ତୁ ସେଥିରୁ ଜଳେଶ୍ୱର କୃଷି ଜିଲ୍ଲାରେ ୧୮ ହଜାର ହେକ୍ଟର ଜମିରେ ଧାନ, ୧୬୦୮୦ ହେକ୍ଟର ଜମିରେ ଡାଲିଜାତୀୟ, ତୈଳ ଜାତୀୟ ୭୬୦୫ ହେକ୍ଟର, ପରିବା ଜାତୀୟ ୪୮୧୦ ହେକ୍ଟର, ମସଲା ଜାତୀୟ ୮୯୦୫ ହେକ୍ଟର ଜମିରେ ଚାଷ ହେବାର ଆକଳନ କରାଯାଇଛି। କିନ୍ତୁ ଜଳେଶ୍ୱର କୃଷି ଜିଲ୍ଲାରେ ୧୧୮ ପଦବୀ ଥିବା ବେଳେ ୬୬ ପଦବୀ ଫାଙ୍କା ରହିଛି। ବିଶେଷ କରି ଗ୍ରାମ୍ୟ କୃଷି ଅଧିକାରୀ ଜଳେଶ୍ୱରରେ ୧୯ରୁ ୭, ଭୋଗରାଇରେ ୧୫ରୁ ୮ ଏବଂ ବାଲିଆପାଳରେ ୧୪ରୁ ୬୯ ପଦବୀ ଫାଙ୍କା ପଡ଼ିଥିବାରୁ ପରିସ୍ଥିତି ଜଟିଳ ହୋଇଛି। ସେହିପରି ପିପିଓ ଦୀର୍ଘବର୍ଷ ଧରି ଖାଲି ରହିଥିବାରୁ ଫସଲରେ ରୋଗ ପୋକ ପାଇଁ କୀଟନାଶକର ବ୍ୟବସ୍ଥା ଚାଷୀମାନେ ପାଇପାରୁ ନାହାନ୍ତି। କୃଷି ଜିଲ୍ଲା ଅଧିକାରୀ ପଦବୀ ମଧ ଖାଲି ପଡ଼ିଛି। ତେଣୁ ଚଳିତବର୍ଷ ଭୋଗରାଇରେ ୧୦୫୦୦, ଜଳେଶ୍ୱରରେ ୫୮୦୦ ଓ ବାଲିଆପାରେ ୪୮୦୦ ହେକ୍ଟର ଜମିରେ ଧାନଚାଷ ହେବାର ଆକଳନ କରାଯିଥିବା ବେଳେ ଅଦ୍ୟାବଧି ୬୦ପ୍ରତିଶତ ଜମିରେ ରୁଆପୁତା ହୋଇଛି। ଚଳିତବର୍ଷ ଆବଶ୍ୟକ ଧାନ, ଚିନାବାଦାମ, ମୁଗ, ବିରି ବିହନ ଚାଷୀ ପାଇପାରିନଥିବାରୁ ପଶ୍ଚିମବଂଗ, ଆନ୍ଧ୍ର ଓ ଛତିଶଗଡ ରାଜ୍ୟର ବିହନ କମ୍ପାନୀ ଉପରେ ନିର୍ଭର କରିଛନ୍ତି। ଚଳିତବର୍ଷ ଅଧିକ ଥଣ୍ଡା ହୋଇଥିବାରୁ ଧାନତଳି ଉଧେଇ ପାରିନାହିଁ। ତଥାପି ଏ ଅଞ୍ଚଳର ଚାଷୀମାନେ ପଶ୍ଚିମବଙ୍ଗରୁ ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ବିହନ ଆଣି ଚାଷ କାର୍ଯ୍ୟରେ ଲାଗିଛନ୍ତି। ପ୍ରକାଶଯୋଗ୍ୟ ଓଡ଼ିଶାରେ ଧାନବିହନ କ୍ୱିଣ୍ଟାଲ ପ୍ରତି ୨ହଜାର ଥିବା ବେଳେ ବାହାର ରାଜ୍ୟର ଧାନ ବିହନ କେଜି ପ୍ରତି ୧ହଜାର ଟଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଦେଶୀ ବିହନ ଏକରକୁ ୩୦କେଜି ଆବଶ୍ୟକ ଥିବା ବେଳେ ବାହାରରାଜ୍ୟର ବିହନ କେତେ ଆବଶ୍ୟକ ତାହା ଚାଷୀ ଜାଣିପାରୁନାହିଁ। ଫଳରେ ପ୍ରତିବର୍ଷ ଜାନୁଆରୀ ମାସ ବେଳକୁ ରୁଆପୋତା ଆରମ୍ଭ ହେଉଥିବା ବେଳେ ଏବେସୁଦ୍ଧା ୪୦ପ୍ରତିଶତ ବାକି ରହିଛି। ଧାନ ଉତ୍ପାନରେ ବାଲେଶ୍ୱର ଜିଲ୍ଲା ରାଜ୍ୟର ଦ୍ୱିତୀୟ ସ୍ଥାନରେ ଥିବା ବେଳେ କୃଷି କର୍ମଚାରୀ ମରୁଡ଼ି ଏଠାକାର ଚାଷୀଙ୍କ ସ୍ୱାର୍ଥରେ ବାଧା ପହଞ୍ଚାଉଛି।

### ୧୮ରୁ +୨ ବିଜ୍ଞାନ, ୧୯ରୁ ଧନ୍ଦାମୂଳକ ଓ ୨୦ରୁ କଳା ଓ ବାଣିଜ୍ୟ ପରୀକ୍ଷା

# ଉତ୍ତର ଓଡ଼ିଶାର ୪ ଜିଲ୍ଲାର ୨୪୭ ପରୀକ୍ଷା କେନ୍ଦ୍ରରେ ୭୪ ହଜାର ୨୭ ଜଣ ପରୀକ୍ଷାର୍ଥୀ

ବାରିପଦା, ୧୩।୨(ସମିସ)

ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ଫେବୃଆରୀ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହୋଇ ଆଗାମୀ ମାର୍ଚ୍ଚ ମାସ ୨୮ ତାରିଖ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୮ ତାରିଖ ବୁଧବାରଠାରୁ ବିଜ୍ଞାନ, ୧୯ ତାରିଖ ଗୁରୁବାରଠାରୁ ଧନ୍ଦାମୂଳକ ଓ ୨୦ ତାରିଖ ଶୁକ୍ରବାରଠାରୁ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ ହେବ। ସ୍ଥାନୀୟ ବାରିପଦା ଉତ୍ତରାଞ୍ଚଳ ଶିକ୍ଷା ପରିଷଦ ଅଧୀନରେ ଥିବା ଉତ୍ତରାଞ୍ଚଳ ଜୋନ ଅନ୍ତର୍ଗତ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ମୋଟ ୨୪୭ଟି କେନ୍ଦ୍ରରେ ୭୪ ହଜାର ୨୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବ୍ୟବସ୍ଥା ହୋଇଥିବା ପରିଷଦର ଉତ୍ତରାଞ୍ଚଳ ଉପସଚିବ ରାଜେଶ ପ୍ରଧାନ ସୂଚନା ଦେଇଛନ୍ତି।

ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ୪୭ ହଜାର ୪୬, ବିଜ୍ଞାନରେ ୨୧ ହଜାର ୫୪୨, ବାଣିଜ୍ୟରେ ୩ ହଜାର ୯୨୨ ଓ ଧନ୍ଦାମୂଳକରେ ୧ ହଜାର ୫୨୭ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ତତସହିତ ଉତ୍ତର ଓଡ଼ିଶାର ପରୀକ୍ଷାର୍ଥୀଙ୍କ ପାଇଁ ମୋଟ ୨୪୭ଟି ପରୀକ୍ଷା କେନ୍ଦ୍ର ୩୯ଟି ହବ୍ ଅଧୀନରେ ରଖାଯାଇଛି। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୨୩ ହଜାର ୬୭୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ ହଜାର ୭୨୫ ଜଣ କଳା, ୬ ହଜାର ୫୮୭ ଜଣ ବିଜ୍ଞାନ, ୮୪୯ ଜଣ ବାଣିଜ୍ୟ ଓ ୫୧ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୭୯ଟି ପରୀକ୍ଷା କେନ୍ଦ୍ର ୯ଟି ହବ୍ ଅଧୀନରେ ରଖାଯାଇଛି। ବାଲେଶ୍ୱର ଜିଲ୍ଲାରେ ମୋଟ ୨୨ ହଜାର ୩୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ହଜାର ୫୬୨ ଜଣ କଳା, ୮ ହଜାର ୪୨୮ ଜଣ ବିଜ୍ଞାନ, ୯୫୬ ଜଣ ବାଣିଜ୍ୟ ଓ ୩୫୫ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୬୮ଟି ପରୀକ୍ଷା କେନ୍ଦ୍ର ୧୩ଟି ହବ୍ ଅଧୀନରେ ରଖାଯାଇଛି। ଭଦ୍ରକ ଜିଲ୍ଲାର ମୋଟ ୧୨ ହଜାର ୮୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ହଜାର ୪୦୬ ଜଣ କଳା, ୨ ହଜାର ୯୦୬ ଜଣ ବିଜ୍ଞାନ, ୧ ହଜାର ୧୯୬ ଜଣ ବାଣିଜ୍ୟ ଓ ୩୩୪ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୪୧ଟି ପରୀକ୍ଷା କେନ୍ଦ୍ର ୫ଟି ହବ୍ ଅଧୀନରେ ରଖାଯାଇଛି। ସେହିପରି କେନ୍ଦୁଝର ଜିଲ୍ଲା ମୋଟ ୧୫ ହଜାର ୨୦୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ ହଜାର ୩୫୩ ଜଣ କଳା, ୩ ହଜାର ୬୨୧ ଜଣ ବିଜ୍ଞାନ, ୯୧୧ ଜଣ ବାଣିଜ୍ୟ ଓ ୩୨୪ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୫୯ଟି ପରୀକ୍ଷା କେନ୍ଦ୍ର ୯ଟି ହବ୍ ଅଧୀନରେ ରଖାଯାଇଛି। ଚଳିତବର୍ଷ ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ସକାଶେ ଏଥର ପରିଷଦ ପକ୍ଷରୁ ବିଶେଷଭାବେ କଡ଼ା ପଦକ୍ଷେପ ନିଆଯାଇଛି। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ମୋବାଇଲ ବାରଣ କରାଯାଇଥିବା ବେଳେ ଅଧୀକ୍ଷକ, ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ନିଶ୍ଚିତ ଭାବେ ସିସି କେମେରା ଲଗାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କପି ରୋକିବା ପାଇଁ ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ବୀରେଶ୍ୱରପୁର ନାଏବ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



ବଡ଼ସାହି, ୧୩।୨(ସମିସ): ବଡ଼ସାହି ବ୍ଲକ୍ ଅଧୀନ ବୀରେଶ୍ୱରପୁର ପଞ୍ଚାୟତରେ ପ୍ରଥମେ ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିବାବେଳେ ପରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିଲା। ଉଭୟ ନିଜର ବହୁମତ ସାବ୍ୟସ୍ତ କରି ନ ପାରି ପରାସ୍ତ ହୋଇଥିଲେ। ଫଳରେ ପଞ୍ଚାୟତର ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇଥିଲା। ଫଳରେ ୱାର୍ଡ ମେମ୍ବର ଲିଲିମଣି ସିଂଙ୍କୁ ଅସ୍ଥାୟୀ ସରପଞ୍ଚ ଦାୟିତ୍ୱ ଦେଇ କାମ ଚଳାଯାଉଥିଲା। ପରେ ଗତମାସ ୨୧ ତାରିଖରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର ୧୨ଟି ୱାର୍ଡରୁ ୧୦ ଜଣ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୦ ନମ୍ବର ୱାର୍ଡର ୱାର୍ଡ ମେମ୍ବର ସୁବ୍ରତ ରାଉତ ଏକାକୀ ନାମାଙ୍କନପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶୁକ୍ରବାର ବିଡିଓ ବନଜା ଦାସଙ୍କ ଚିଠି ନଂ ୪୦୧, ୧୧ ଫେବୃୟାରୀ ୨୦୨୬ ଅନୁସାରେ ତାଙ୍କୁ ଆଜି ସରପଞ୍ଚଙ୍କ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହି ସମୟରେ ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କ ସହିତ ସମାଜସେବୀ କାନନ ମିଶ୍ର ଓ ପିଇଓ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ



କରଞ୍ଜିଆ/ଚମ୍ପୁଆ,୧୩।୨(ସମିସ): ଚମ୍ପୁଆରେ ଉପଖଣ୍ଡସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ଆୟୋଜିତ ହୋଇଯାଇଛି। କରଞ୍ଜିଆ ଅଞ୍ଚଳର ସୁନାମ ଅର୍ଜନ କରିଥିବା ଚାରୁସ୍ ଏକାଡେମୀର କଳାକାର, ସଭାପତି, ସେକ୍ରେଟାରୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଚାରୁସ୍ ଏକାଡେମୀ କଳାକାର ମେଳା ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉପଖଣ୍ଡ କୃଷି କାର୍ଯ୍ୟାଳୟ ଅଧିକାରୀଙ୍କ ଦ୍ୱାରା ଚାରୁସ୍ ଡ୍ୟାନ୍ସ ଏକାଡେମୀ ସଭାପତି ଅଙ୍କିତା ଦାସ ପତି ଓ ସେକ୍ରେଟାରୀ ଦିବ୍ୟରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଚାରୁସ୍ ଏକାଡେମୀ କଳାକାରଙ୍କୁ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

### କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ

## ଢେଙ୍କାନାଳ ବିଜୟୀ

ଆନନ୍ଦପୁର, ୧୩।୨(ସମିସ): ଆନନ୍ଦପୁର କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଷ୍ଟାଡିୟମ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ ୧-୦ ଗୋଲରେ ସମ୍ବଲପୁରକୁ ହରାଇ ବିଜୟୀ ହୋଇଛି। କ୍ରୀଡ଼ା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ମେଡିକାଲ ଅଧୀକ୍ଷକ ଡ଼ କୃଷ୍ଣଚନ୍ଦ୍ର ଦାଶ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ବଳରାମ ସେଠୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଚନ୍ଦନ ସାହୁ ପ୍ରମୁଖ ରେଫରୀ ଦାୟିତ୍ୱ ଥିବାବେଳେ ଚତୁର୍ଥ ରେଫରୀ ଭାବେ ଆୟୁଶକାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମିଶ୍ର, ଗଗନ ସିଂ, ଅକ୍ଷୟ ମହାନ୍ତି, ଉମେଶ ସିଂ, ସଦସ୍ୟ ଅଶୋକ ରାଉଳ, ନିକୁଞ୍ଜ ବିହାରୀ ମିଶ୍ର, ବସନ୍ତ ସାହୁ, ମନୋରଞ୍ଜନ ସିଂ, ଆଦିକନ୍ଦ ମହାକୁଡ଼, ତପନ ଜେନା, ପ୍ରସନ ମିଶ୍ର, ଅଜୟ ସେଠୀ, ଅନିମେଷ ମିଶ୍ର, ଅଶୋକ ରାଉଳ, ଲୁଲୁ ଚାନ୍ଦ ଗୋପରଞ୍ଜନ ପାଣି ଓ ବାଇଧର ସେଠୀଙ୍କ ସମେତ ବହୁ ପୁରାତନ ଖେଳାଳି ସହଯୋଗ କରିଥିଲେ।

## ଘୁଟୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେନ୍ଦୁଝର, ୧୩।୨(ସମିସ): କେନ୍ଦୁଝର ସଦର ବ୍ଲକ ଘୁଟୁରୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ହିମାଦ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ସମ୍ମାନିତ ଅତିଥି ଭାବେ ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାସ, ତରଣୀସେନ ମୁଣ୍ଡା, ଶିରିଶପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର ଦାଶ, ଗୋବିନ୍ଦପୁର ୟୁଜିଏମଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବିଶ୍ୱରଞ୍ଜନ ନାଏକ, ଶିକ୍ଷକ ଭରତଚନ୍ଦ୍ର ନାଏକ, ଶିକ୍ଷକ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଫୁଲନରାଣୀ ମହାନ୍ତ ସହଯୋଗ କରିଥିଲେ। ରାଜେନ୍ଦ୍ର ନାଏକଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନର୍ମଦା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ଅଭାବରୁ ମରିଗଲାଣି ବିଦେଶୀ କୋଳି ଚାରା



### ଉପଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର ପ୍ରଦାନ

ଶରତ/ଆନନ୍ଦପୁର,୧୩।୨(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଉଦ୍ୟାନ କୃଷି ବିଭାଗ ପରାମର୍ଶ କ୍ରମେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥାଇଲାଣ୍ଡ ଆପେଲବେରୀ ବରକୋଳି ଓ କାଜୁ ଚାଷ କରାଯାଇଛି। ଘଷିପୁରା ବ୍ଲକରେ ଥାଇଲାଣ୍ଡ ଆପେଲବେରୀ ବରକୋଳି ଓ କାଜୁ ଚାଷ କରାଯାଇଛି। ଘଷିପୁରା ବ୍ଲକର ୬ଟି ପଞ୍ଚାୟତର ୮ଟି ଜାଗାରେ ଏହି ଚାଷ କରାଯାଇଛି। ଗିଂପୁର ପଞ୍ଚାୟତର କୋଳିପାଳ, ବରାଙ୍ଗ, ନୂଆମାଳିଆ ଗ୍ରାମ, ଶାମୁକାନେଣ୍ଡି ପଞ୍ଚାୟତର ଝିଙ୍କିପଟା (ନଟିଆ) ଗ୍ରାମ, ବାତୋ ପଞ୍ଚାୟତର ଉଲୋକ ଗ୍ରାମ, ପୁରୁଣାବାନ୍ଧଗୋଡା ପଞ୍ଚାୟତର ବିଲାବନ୍ଦ ଗ୍ରାମ, ଗଡବାନ୍ଧଗୋଡା ପଞ୍ଚାୟତର କଣ୍ଟାମାଳିଆ ଓ ଗୋହିରା ପଞ୍ଚାୟତର ଗୋହିରା ଗ୍ରାମରେ ଏହି ଚାଷ ହୋଇଛି। ତେବେ ପାଣି ଅଭାବରୁ ବିଦେଶୀ କୋଳି ଚାରା ମରିଯାଉଛି। ତେଣୁ ଜଳସେଚନ ବ୍ୟବସ୍ଥା କରାଯିବାକୁ ଚାଷୀ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉଦ୍ୟାନ କୃଷି ବିଭାଗ ପ୍ରଥମେ ରୋପଣ କରିଥିବା ସମସ୍ତ ଚାରା ଜଳସେଚନ ନ ହୋଇ ପାରିଥିବାରୁ ମରିଗଲା। ବର୍ତ୍ତମାନ ୪ ମାସ ପୂର୍ବେ ନୂତନ ଭାବେ ଚାରା ରୋପଣ କରଯାଇଛି। ଆଜି ପର୍ଯ୍ୟନ୍ତ ଜଳସେଚନର ବ୍ୟବସ୍ଥା ନ ହୋଇପାରିଥିବାରୁ ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି। ଚାରା ରୋପଣ ପରେ ତିନି ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ତଥା ଜଳସେଚନ ପାଇଁ ପାଇଁ ଅର୍ଥ ବରାଦ ହୋଇଛି। ଚାରାରୋପଣ ହେବାର ୨ ବର୍ଷ ବିତି ଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ବଗିଚାକୁ ଜଳସେଚନ ହୋଇପାରିନାହିଁ। ଜଳସେଚନ କରାଯିବା ନିମନ୍ତେ ଆଜିକୁ ୭ ମାସ ପୂର୍ବେ ନଳକୂପ ଖୋଳା ଯାଇଛି ସତ, କିନ୍ତୁ ଆଜି ପର୍ଯ୍ୟନ୍ତ ସୋଲାର(ସୌର ପ୍ରକଳ୍ପ) ଓ ପାଣି ଉଠା ମୋଟର ସଂଯୋଗ ହୋଇପାରି ନ ଥିବାରୁ ଗ୍ରୀଷ୍ମଋତୁ ଆରମ୍ଭରେ ହିଁ ଚାରା ଖରା ପ୍ରଭାବରେ ମରିଯାଉଛି। ଶାଳପଡାସ୍ଥ ଉଦ୍ୟାନ କୃଷି ବିଭାଗକୁ ଜଳସେଚନ ଯୋଗାଇବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯିବା ନିମନ୍ତେ ଆଜି ବ୍ଲକର ଚାଷୀ ସମାଜସେବୀ ଗାମାଏ ରାମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଉଦ୍ୟାନ କୃଷି ବିଭାଗକୁ ଯୁଦ୍ଧକାଳୀନ ଭିତ୍ତିରେ ସୋଲାର ଓ ମୋଟର ସଂଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ ମୀନକେତନ ନାୟକ, କ୍ରିଷ୍ଣା ନାଇକ, ଡମ୍ବରୁଧର ଦରାଇ, ସୁରେଶ ହେମ୍ବ୍ରମ, ପାତ ମୁଣ୍ଡା, ଜିତେନ୍ଦ୍ର ରାଉତ, ମକରା ମୁଣ୍ଡା, ହରିହର ମୁଣ୍ଡା, ଲାମ୍ବୋଦର ମୁଣ୍ଡା, ବିଶ୍ୱନାଥ ମାଝୀ, ଅମୂଲ୍ୟ ନାୟକ ଓ ତୋଫାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ସମ୍ପନ୍ନ



କେନ୍ଦୁଝର, ୧୩।୨(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଦେଶବ୍ୟାପୀ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଳନର ଅଂଶସ୍ୱରୂପ କେନ୍ଦୁଝର ଜିଲ୍ଲାସ୍ତରୀୟ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ, କର୍ମଚାରୀ ଏବଂ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୪୦୦ରୁ ଅଧିକ ଅଂଶଗ୍ରହଣକାରୀ ପଦଯାତ୍ରାରେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ଆତ୍ମନିର୍ଭର ଭାରତ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସ୍ତରରେ ସୁଖମଣି ସୋରେନ ପୁରସ୍କୃତ




ଉଦଳା, ୧୩।୨(ସମିସ): ହସ୍ତତନ୍ତରେ ବୁଣାବୁଣି କରି ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି ଉଦଳା ବ୍ଲକ୍ ଅନ୍ତର୍ଗତ ସୋନପୋଖରୀ ଗ୍ରାମର ସୁଖମଣି ସୋରେନ। କ୍ରାଫ୍ଟ୍ କାଉନସିଲ୍ ଅଫ୍ ତେଲେଙ୍ଗାନା ପକ୍ଷରୁ ତାଙ୍କୁ ଯୁବ ବୁଣାକାର ଭାବେ ପୁରସ୍କୃତ କରାଯାଇଛି। ହସ୍ତତନ୍ତ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଏଭଳି ସଫଳତା ପାଇ ସେ ଖୁବ୍ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଖମଣିଙ୍କ ବାପା ଆରପାରିକୁ ଚାଲିଗଲା ପରେ ସେ ତାଙ୍କ ମାଆ ସହ ରହୁଛନ୍ତି। ସେ ବର୍ତ୍ତମାନ ମୌନଧ୍ୱନି ଫାଉଣ୍ଡେସନର ଚୁକିଆପୋଷି ହସ୍ତତନ୍ତ କେନ୍ଦ୍ରରେ ସାନ୍ତାଳୀ ଶାଢୀ ଓ ମୟୂରଭଞ୍ଜ ଶାଢି ବୁଣି ଅର୍ଥ ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାରରେ ଆଗରୁ କେହି ବୁଣାବୁଣି ଶିଖି ନ ଥିଲେ ବି ଆଜି ସେ ସେଥିରେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି। ପ୍ରତିଦିନ ସେ ୫୦ କିଲୋମିଟର ସାଇକଲ୍ ଚାଳନା କରି ବୁଣାବୁଣି କରନ୍ତି। ତାଙ୍କର ବୟନ କ୍ଷେତ୍ରରେ ଆନ୍ତରିକତା, ନିଷ୍ଠା ଓ ପରିଶ୍ରମ ବଳରେ ସେ ଏବେ କୁଶଳୀ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏହି ପୁରସ୍କାର ତାଙ୍କୁ ଆଗକୁ ଆହୁରି ସୁନ୍ଦର ଡିଜାଇନର ଶାଢୀ ବୁଣିବାକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ସଫଳତାର ଶ୍ରେୟ ସେ ତାଙ୍କ ମାଆ ଓ ମୌନଧ୍ୱନି ଫାଉଣ୍ଡେସନର ମୁଖ୍ୟ ବିନ୍ଦୁ ବିନୋଦନଙ୍କୁ ଦେଇଛନ୍ତି।

### ବେପରୁଆ ଗାଡ଼ି ଚାଳନା

## ବର୍ଷକରେ ଯାଇଛି ୨୦ରୁ ଅଧିକ ଜୀବନ

କୁଆମରା,୧୩।୨(ସମିସ): ବେପରୁଆ ଗାଡ଼ି ଚାଳନା ଯୋଗୁଁ ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକରେ ବର୍ଷକରେ ୨୦ରୁ ଅଧିକ ଜୀବନ ଯିବା ସହ ଶତାଧିକ ଆହତ ହୋଇଛନ୍ତି। ସେଥିମଧ୍ୟରୁ କେତେକ ଅକର୍ମଣ୍ୟ ହୋଇ ପଡିରହିଥିବା ଦେଖାଯାଉଛି। ୨୦୨୪-୨୫ରେ ଖୁଣ୍ଟା ଥାନାରେ ଦୁର୍ଘଟଣାରେ ୩୨ଟି ମାମଲା ରୁଜୁ ହୋଇଥିବାବେଳେ ୮ଟି ବାଇକ ଚୁରମାର ହୋଇଛି । ଦିନକୁ ଦିନ ଦୁର୍ଘଟଣା ବଢି ଚାଲିଥିଲେ ମଧ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ଦୃଢ ପଦକ୍ଷେପ ନିଆଯାଉନାହିଁ। ଅଧିକାଂଶ ସମୟରେ ଦୁଇଚକିଆ ଓ ଚାରିଚକିଆ ଯାନର ଚାଳକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରିବା ଯୋଗୁଁ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ରାତି ସମୟରେ କେତେକ ୪ ଚକିଆ ଗାଡ଼ି ସମ୍ମୁଖ ଲାଇଟରୁ ଗୋଟିଏ ଲାଇଟ ଜଳୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଚାଳକ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ୫୦ ପ୍ରତିଶତ ଚାଳକ ବିନା ହେଲମେଟରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ନିଶାସକ୍ତ ଅବସ୍ଥାରେ ବାଇକ ଚାଳକ ୭୦ରୁ ୮୦ କିଲୋମିଟର ବେଗରେ ଗାଡ଼ି ଚଳାଉଛନ୍ତି। ୧୦ରୁ ୧୫ ବର୍ଷ ବୟସ ମଧ୍ୟରେ ୧୦ ପ୍ରତିଶତ ଛାତ୍ରଛାତ୍ରୀ ବାଇକ ଯୋଗେ ଘରୋଇ ଟ୍ୟୁସନ ଓ ବିଦ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳୁଛି। ଅନେକ ସମୟରେ ଗାଡ଼ି ଚଳାଇବା ବେଳେ ନିୟମ ନ ମାନି ବେପରୁଆ ଭାବେ ଦ୍ରୁତ ଗତିରେ ଚଳାଇବା ଫଳରେ ନିଜର ଜୀବନ ଯିବା ସହ ଅନ୍ୟର ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏଣୁ ଅଧିକରୁ ଅଧିକ ସଚେତନତା କରାଇବା ସହ ପ୍ରଶାସନ ପକ୍ଷରୁ କଟକଣା କଲେ ହୁଏତ କିଛି ମାତ୍ରାରେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୁକ୍ତ ଦୂରଶିକ୍ଷା ସଚେତନତା



ବାରିପଦା, ୧୩।୨(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀରାମଚନ୍ଦ୍ର ଭାଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁକ୍ତ ଦୂରଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୂର ଓ ନିରନ୍ତର ଶିକ୍ଷାର ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟତା ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ୟାପଟେନ ଡକ୍ଟର ବିଦ୍ୟୁତପ୍ରଭା ଦାସ, ଡକ୍ଟର ପ୍ରଭାକର ଦ୍ୱାରି, ଉମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସୁଜାତା ପଣ୍ଡା, ଡକ୍ଟର ବିନ୍ଧେଶ୍ୱରୀ କଲିଆ, ଅଞ୍ଜନା ମହାନ୍ତି, ଶାନ୍ତନା ମାଇତି ରିସର୍ସ ପାର୍ସନ ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସ୍ନାତକୋତ୍ତର ଓ ସାର୍ଟିଫିକେଟ ପାଠ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରିଥିଲେ। ସ୍ନାତକ ଶେଷ ବର୍ଷ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଖଡ଼ମବେଡା ରାସ୍ତା ଶୋଚନୀୟ

## ଏନ୍‌ଏଚ୍‌ଏଆଇକୁ ପତ୍ର ଲେଖିଲା ପୂର୍ତ୍ତ ବିଭାଗ

ରାଇରଙ୍ଗପୁର, ୧୩।୨(ସମିସ): ଖଡ଼ମବେଡା ଘାଟି ରାସ୍ତା ଅବସ୍ଥା ଶୋଚନୀୟ ଥିବାବେଳେ ମରାମତି କରିବା ନେଇ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)କୁ ପୂର୍ତ୍ତ ବିଭାଗ ପତ୍ର ଲେଖିଛି। ୪୯ନଂ ଜାତୀୟ ରାଜପଥର ଖଡ଼ମବେଡା ନିକଟରେ ରାସ୍ତା ଖରାପ ରହିଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ରାସ୍ତାରୁ ପିଚୁ ଉଠି ଯାଇଥିବାବେଳେ ଧୂଳି, ଗର୍ତ୍ତ ଓ ଖରାପ ଅବସ୍ଥା ଯୋଗୁଁ ଯାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ଏନଏଚଏଆଇକୁ ପତ୍ର ଲେଖିଛି। ଏହା ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ରହିଥିବାବେଳେ ତୁରନ୍ତ ମରାମତି ନିମନ୍ତେ ଭୁବନେଶ୍ୱରସ୍ଥ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ ପରିଚାଳକଙ୍କୁ ପ୍ରଦାନ କରାଯାଇଛି।

## ସାହାରପଡ଼ାରେ ବିଜେପିର କର୍ମୀ ସମାବେଶ

ତୁରୁମୁଙ୍ଗା, ୧୩।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ତଣ୍ଡୋ ଗ୍ରାମର ତିନିଧାରିଆଠାରେ ଶୁକ୍ରବାର ଉଦୟପୁର ଓ ସାହାରପଡା ମଣ୍ଡଳର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ସୁଦର୍ଶନ ମହାନ୍ତଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ସମ୍ପାଦିକା ମମତା ସିଂ, ସାଂସଦଙ୍କ ପତ୍ନୀ ଲବଙ୍ଗଲତା ନାଏକ, ରାଜ୍ୟ ଏସଟି ମୋର୍ଚ୍ଚା ଉପ ସଭାପତି ମମିତା ନାଏକ, ପଶ୍ଚିମ ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ବିଜେପି ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ସାହାରପଡା ମଣ୍ଡଳ ସଭାପତି ବୁଲୁ ବାରିକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲିୟସ ସିଂ, ଖୀରେଇଟାଙ୍ଗୀରି ମଣ୍ଡଳ ସଭାପତି ମନୋଜ ମହାନ୍ତ, ଉଖୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମୀଧର ମହାନ୍ତ, ଜ୍ୟୋତିପୁର ମଣ୍ଡଳ ସଭାପତି ସିଦ୍ଧେଶ୍ୱର ମହାନ୍ତ, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି କମଳା କାନ୍ତ ସିଂ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ପୂର୍ବତନ ଜିଲ୍ଲା ସମ୍ପାଦକ ହେମରଞ୍ଜନ ବାରିକ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସବୀର ଦାଶ, ଜିଲ୍ଲା ସମ୍ପାଦକ ଦୀପକ ଜେନା ଅଶୋକ ବେହେରା ରଶ୍ମିତା ପାଣିଗ୍ରାହୀ, ଜିଲ୍ଲା ଉପସଭାପତି ଦେବପ୍ରାସାଦ ମିଶ୍ର, ସୋମବାରୀ ମୁଣ୍ଡା, ପୂର୍ବତନ କୋଷାଧ୍ୟକ୍ଷ ଶିବକୁମାର ରାଠୋର, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

### ବନ୍ଦ ପଡ଼ିଛି ଚମ୍ପୁଆ ସହରର କ୍ୟାମେରା

## ଅପରାଧ ନିୟନ୍ତ୍ରଣକୁ କାମରେ ଲାଗୁନି ସିସିଟିଭି

ଚମ୍ପୁଆ,୧୩।୨ (ସମିସ)

ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଚମ୍ପୁଆ ଏନଏସି ପକ୍ଷରୁ ଏନଏସି ମଧ୍ୟରେ ପ୍ରାୟ ୪୨ଟି କ୍ୟାମେରା ସହିତ ଗତିଶୀଳ କ୍ୟାମେରା ୫ଟି ଲାଗିଛି। ଏହି କ୍ୟାମେରାର ମଦର ବୋର୍ଡ ଚମ୍ପୁଆ ଥାନାରେ ଲାଗିଥିବା ବେଳେ ପୁଲିସ ପାଇଁ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସହଜ ହୋଇଆସୁଥିଲା। ମାତ୍ର ଦୀର୍ଘ ୧ ମାସ ହେବ ଏହି କ୍ୟାମେରା ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡ଼ିଛି। ସୂଚନା ଅନୁସାରେ, ଚମ୍ପୁଆ ଏନଏସିର ରାସ୍ତା ଛକ ଓ ପ୍ରମୁଖ ସ୍ଥାନଗୁଡିକରେ ଏହି କ୍ୟାମେରା ଅପରାଧ ନିୟନ୍ତ୍ରଣ କରିବା ପାଇଁ ଲାଗିଥିଲା। ଚମ୍ପୁଆ ଏକ ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲା ସହ ସିଧାସଳଖ ସଂପର୍କ ରହିଆସୁଛି। ଫଳରେ ଅପରାଧୀମାନେ ଅପରାଧ ଘଟାଇ ଖସିଯାଉଥିଲା ବେଳେ ଏହି କ୍ୟାମେରା ମାଧ୍ୟମରେ ଚମ୍ପୁଆ ପୁଲିସକୁ ଅନେକ ସଫଳତା ମିଳିଛି। ଏହି କ୍ୟାମେରା ଦ୍ୱାରା ଛିନ୍ତାଇ, ବାଇକ ଚୋରି, ଗୋରୁ ଚାଲାଣ, ଚୋରା ବାଲି ଚାଲାଣ ଓ ରାତିଅଧରେ ବଢୁଥିବା ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଉଥିବା ବେଳେ ସାଧାରଣ ଜନତା ନିରାପଦରେ ରହିଆସୁଥିଲେ। ୨୦୨୩ରେ ଏହି କ୍ୟାମେରାଗୁଡିକ ସମ୍ବେଦନଶୀଳ ଓ ଅତି ଅସମ୍ବେଦନଶୀଳ ସ୍ଥାନରେ ଲଗାଯାଇଥିଲା। ମାତ୍ର ପରମୁହୂର୍ତ୍ତରେ ଏହା ଅଧାରୁ ଅଧିକ ବନ୍ଦ ହୋଇଯାଇଥିଲେ ହେଁ ଏନଏସି ପକ୍ଷରୁ ଲକ୍ଷାଧିକ ଟଙ୍କାର ବ୍ୟୟ କରି ମରାମତି କରାଯାଇଥିଲା। ଏନେଇ ଚମ୍ପୁଆ ଥାନା ପକ୍ଷରୁ ବାରମ୍ବାର ଏନଏସିକୁ ଅବଗତ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ ଆଜିପର୍ଯ୍ୟନ୍ତ ତାହା ସଜଡ଼ା ହୋଇପାରିଲା ନାହିଁ। ଦିନକ ପରେ ପ୍ରମୁଖ ପର୍ବ ଭାବେ ଜାଗର ଆରମ୍ଭ ହେବାକୁ ଥିବା ବେଳେ ଚମ୍ପୁଆ ଯାତ୍ରା ପଡ଼ିଆ ଓ ଗୋଧୂଳି ରାମତୀର୍ଥଠାରେ ମେଳା ବସିବ। ଏହି ପର୍ବପର୍ବାଣୀ ସମୟରେ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପାଇଁ ଏହି କ୍ୟାମେରା ବେଶ୍ ସହାୟକ ହୋଇଥିବା ବେଳେ ବନ୍ଦ କ୍ୟାମେରାକୁ ନେଇ ସବୁବର୍ଗର ଲୋକ ଚିନ୍ତା ପ୍ରକଟ କଲେଣି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି ଯେ ଏନଏସି ପକ୍ଷରୁ ଏହି କ୍ୟାମେରା ଇନଷ୍ଟାଲ କରାଯାଇଥିଲା। ଏହାର ମରାମତି ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲାଣି। ସେ ଏ ବାବଦରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠିକୁ ମଧ୍ୟ ଅବଗତ କରାଯାଇଛି। ଖୁବଶୀଘ୍ର ଫଣ୍ଡ ଆସିଲେ ଏହାର ମରାମତି କରାଯିବ।



## ହିନ୍ଦୁସମିଳନୀ ଓ ଧର୍ମସଭା

ଆନନ୍ଦପୁର, ୧୩।୨ (ସମିସ): ଆନନ୍ଦପୁର ମୁକ୍ତିତୀର୍ଥ ଆନନ୍ଦଧାମର ଶ୍ରୀ ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କ ପୀଠରେ ବିଶାଳ ହିନ୍ଦୁ ସମିଳନୀ ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ସଭାପତି ସର୍ବେଶ୍ୱର ଦଳେଇଙ୍କ ସଂଯୋଜନାରେ ସାଧୁ ଯୋଗେଶ୍ୱର ବାବା ପଣ୍ଡିତ ପଦ୍ମନାଭ ହୋତା ସ୍ୱୟଂ ସେବକ ନିତ୍ୟାନନ୍ଦ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିରର ଗୁରୁଜୀ ଗୁରୁମା ବଜରଙ୍ଗ ଦଳ କର୍ମକର୍ତ୍ତା ବିଜେପି ନେତୃବୃନ୍ଦ ପଞ୍ଚମୁଖୀ ହନୁମାନ ମନ୍ଦିର କର୍ମକର୍ତ୍ତା ଯୁବଛାତ୍ର ଗୋଷ୍ଠୀ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

